୬ କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ : ଜୟ ଶାହ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୪୫ ● ୧୬ ମାର୍ଚ୍ଚ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-45 ● 16th March 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27



## ବିଭିନ୍ନ ଶିଳ୍ପ ସମ୍ବନ୍ଧରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ପାରାଦୀପକୁ ଦେଶର ଏକ ବୃହତ୍ ଅର୍ଥନୈତିକ ଅଞ୍ଚଳରେ ପରିଣତ କରାଯିବ

ପାରାଦୀପ, ୧୫ ।୩
ନ୍ୟୁଜ୍ ବ୍ୟୁରୋ

ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି।

ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।



ପାରାଦ୍ୱୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ, ଜେଏସଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ଭୁବନେଶ୍ୱର-କଟକ- ପୁରୀ-ପାରାଦୀପ ଇକୋନୋମିକ ରିଜନ ଏଏମଏନଏସ ଇଣ୍ଡିଆ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ପଡିରହିଥିବା କାର୍ଯ୍ୟକୁ ଯଥାଶୀଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀମାନଙ୍କୁ *(ପୃଷ୍ଠା ୭ରେ)*

# କରଞ୍ଜିଆରେ ଘୂର୍ଣ୍ଣିଝଡ଼ ରଚିଲା ତାଣ୍ଡବ

## ଭାଙ୍ଗିଲା ଶତାଧିକ ଘର : ୨ ମୃତ, ୧୦ ଆହତ

ବାରିପଦା, ୧୫ ।୩
ନ୍ୟୁଜ୍ ବ୍ୟୁରୋ

କରଞ୍ଜିଆରେ ଘୂର୍ଣ୍ଣିଝଡ ତାଣ୍ଡବଲୀଳା ରଚିଛି। କରଞ୍ଜିଆ ଥାନା ଅନ୍ତର୍ଗତ କିଆ ଗାଁରେ ଘୂର୍ଣ୍ଣିଝଡରେ ଅଘଟଣ ଘଟିଛି। ରବିବାର ଅପରାହ୍ନ ୪ଟା ସମୟରେ ହଠାତ୍ ଘୂର୍ଣ୍ଣିଝଡ ହେବାରୁ ଅଧିକାଂଶ ଛପର ଘର ଉଡ଼ିଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ ପାଖାପାଖି ୧୦ ଜଣ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଭିନ୍ନ ଜାଗାରୁ ଆହତମାନଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲେ। ତେବେ ଭୟଙ୍କର ପବନରେ ବିଦ୍ୟୁତ ଖୁଣ୍ଟ ଓ ବଡ଼ ବଡ଼ ଗଛ ଉପୁଡ଼ି ପଡିଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକ ବି ପବନରେ ଫିଙ୍ଗି ହୋଇ ପଡ଼ିଥିଲା। ଏହି ଘୂର୍ଣ୍ଣି ଝଡ ହଠାତ୍ ଆସି ମାତ୍ର ୧୦ ରୁ ୧୫ ମିନିଟ୍ ଧରି ଚାଲିଥିଲା। କରଞ୍ଜିଆ ବ୍ଲକର ପ୍ରଭାବିତ ତିନୋଟି ଗାଁ ଯଥା କିଆ, ପାଣପୋଷି ଓ *(ପୃଷ୍ଠା ୭ରେ)*



### ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫ ।୩
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ କିଆ ଗାଁରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ଭୟଙ୍କର ଘୂର୍ଣ୍ଣିଝଡ଼ରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ।

କରଞ୍ଜିଆ ଏସଡିପିଓ ନବକିଶୋର ନାୟକ କହିଛନ୍ତି, 'ଘୂର୍ଣ୍ଣିଝଡ଼ ପ୍ରଭାବରେ ପାଖାପାଖି ୧୦ ଜଣ ଆହତ ହୋଇଥିବା ବେଳେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ।'

## ୫ ରାଜ୍ୟର ବିଧାନସଭା ନିର୍ବାଚନ ଘୋଷିତ

# ୯ରୁ ୨୯ ଅପ୍ରେଲ ପର୍ଯ୍ୟନ୍ତ ମତଦାନ, ୪ ମଇରେ ଫଳାଫଳ

ନୂଆଦିଲ୍ଲୀ, ୧୫ ।୩

ନିର୍ବାଚନ ଆୟୋଗ ରବିବାର ଦିନ ଦେଶର ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି। ଏଥିରେ ପୁଡୁଚେରୀ, କେରଳ ଏବଂ ଆସାମରେ ୯ ଅପ୍ରେଲ ଦିନ ଗୋଟିଏ ସ୍ତରରେ ମତଦାନ କରାଯିବ। ଅନ୍ୟପକ୍ଷରେ ତାମିଲନାଡୁରେ ୨୩ ଅପ୍ରେଲ ଦିନ ପ୍ରଥମ ସ୍ତରରେ ଭୋଟ୍ ଦିଆଯିବ। ପଶ୍ଚିମବଙ୍ଗରେ ଦୁଇ ସ୍ତରରେ ମତଦାନ ହେବ, ଯେଉଁଥିରେ ୨୩ ଅପ୍ରେଲ ଏବଂ ୨୯ ଅପ୍ରେଲ ଦିନ ଭୋଟିଂ କରାଯିବ। ସମସ୍ତ ରାଜ୍ୟର ନିର୍ବାଚନ ଫଳାଫଳ ୪ ମଇରେ ଘୋଷଣା କରାଯିବ।



ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ରବିବାର ସନ୍ଧ୍ୟାରେ ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ପ୍ରେସ୍ କନ୍‌ଫରେନ୍ସରେ ଏହା ଘୋଷଣା କରି କହିଛନ୍ତି ଯେ ସମ୍ବନ୍ଧିତ ପାଞ୍ଚ ରାଜ୍ୟରେ ପ୍ରାୟ ୧୭.୪ କୋଟି ମତଦାତା ନିଜର ମତାଧିକାରର ପ୍ରୟୋଗ କରିବେ। ନିର୍ବାଚନ ପାଇଁ ୮୨୪ ବିଧାନସଭା ସିଟ୍‌ରେ ପ୍ରାୟ ୨.୧୯ ଲକ୍ଷ ମତଦାନ କେନ୍ଦ୍ର ସ୍ଥାପନ କରାଯିବ। ଏହି ପୁରା ନିର୍ବାଚନ ପ୍ରକ୍ରିୟାକୁ ସଫଳତାପୂର୍ବକ ଶେଷ କରିବା ପାଇଁ ପ୍ରାୟ ୨୫ *(ପୃଷ୍ଠା ୭ରେ)*

## ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

ଭବାନୀପାଟଣା, ୧୫ ।୩ : ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲାରେ ମାଓବାଦୀ ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। ରବିବାର ଭବାନୀପାଟଣା ସ୍ଥିତ *(ପୃଷ୍ଠା ୭ରେ)*

## ଆଜି ରାଜ୍ୟସଭା ଭୋଟ୍ : ତିନି ଦଳର ପ୍ରସ୍ତୁତି ଶେଷ

ଭୁବନେଶ୍ୱର, ୧୫ ।୩
ନ୍ୟୁଜ୍ ବ୍ୟୁରୋ

ରାତି ପାହିଲେ ରାଜ୍ୟସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡ଼ିଶାର ୪ଟି ଆସନ ପାଇଁ ବିଧାନସଭା ପରିସରରେ ପୂର୍ବାହ୍ନ ୯ଟାରୁ ବିଧାୟକମାନେ ମତଦାନ କରିବେ। ଏହି ପ୍ରକ୍ରିୟା ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହା ପରେ ଫଳାଫଳ ପ୍ରକାଶ ପାଇବ। ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ଏଥର ରୋଚକ ସ୍ଥିତି ଦେଖାଯାଉଛି। ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ସମେତ ମୁଖ୍ୟ ବିରୋଧୀ ବିଜୁ ଜନତା ଦଳ (ବିଜେଡି) ଏବଂ କଂଗ୍ରେସ ଘନଘନ ବୈଠକ କରିଛନ୍ତି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ନିଜ ନିଜ ସ୍ତରରେ ଉଦ୍ୟମ କରିଛନ୍ତି। *(ପୃଷ୍ଠା ୭ରେ)*

KISS
KALINGA INSTITUTE OF SOCIAL SCIENCES
Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 Tribal children



KISS HUMANITARIAN AWARD 2025

PAST RECIPIENTS

- **Mr. Bill Gates** Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**
- **Her Excellency Mama Rachel Ruto, EGH** First Lady of the Republic of **Kenya (2022)**
- **Mr. Ratan Naval Tata,** Chairman Emeritus, Tata Sons **(2021)**
- **Dr. Ary S Graça** President-International Volleyball Federation (FIVB) **(2020)**
- **Dr. Dansa KOUROUMA** President, National Transition Council of Guinea, **Guinea (2019)**
- **Professor Muhammad Yunus** (Nobel Laureate) Founder, Grameen Bank, **Bangladesh (2018)**
- **His Holiness The 14th Dalai Lama** Nobel Laureate, 2005 and Spiritual Leader **(2017)**
- **Ms. Ashley Judd,** Hollywood Actor, Activist & Global Goodwill Ambassador, **UNFPA (2016)**

16th March 2026



**Smt. Nita M. Ambani**, Founder and Chairperson, Reliance Foundation receiving the prestigious **KISS Humanitarian Award 2025**

AWARDEES ARE FROM
5 Continents | 13 Countries | 2 Nobel Laureates *among the awardees*

**Chief Guest: Prof. Mohan Munasinghe**, Nobel Laureate from Sri Lanka

- **KISS Humanitarian Award** Founded by Dr. Achyuta Samanta, Founder, KIIT-KISS-KIMS
- **Watch Live** on **Kalinga TV** from **5.00 p.m.** onwards

- **His Excellency Dr Alejandro Toledo,** Former President of **Peru (2015)**
- **Ms. Anne F. Stenhammer** Former Regional Programme Director, UN Women, **South Asia Regional Office (2014)**
- **Madam Albina Du Boisrouvray** Founder, Association François-Xavier Bagnoud (FXB International), **Switzerland (2013)**
- **His Excellency Lyonchhen Jigmi Y. Thinley** Hon'ble Prime Minister, The Royal Government of **Bhutan (2012)**
- **Rt Hon. Lord Nicholas Addison Phillips** President (Chief Justice) of the Supreme Court of the **United Kingdom (2011)**
- **Rt. Hon. Sir Anerood Jugnauth** Eminent Social Worker & His Excellency the President of **Mauritius (2010)**
- **Dr. Ham Kee-Sun** Eminent Educationist & Physician and Hon'ble President & Founder, Hanseo University, **South Korea (2009)**
- **Ms. Edna Bomo Molewa** Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta





# ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପଯୋଗ ହିଁ ଭବିଷ୍ୟତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସ୍ଥାୟିତ୍ୱ ଆଣିପାରିବ। ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏ ସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଂଟରର ନିର୍ଦ୍ଦେଶକ ପ୍ରଫେସର ଚିତରନ ରାୟ। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଂଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍‌ଏ) ଓ ଏଆଇସି-ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ 'ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେପିଂ ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଏହା କହିଛନ୍ତି ପ୍ରଫେସର ରାୟ। ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜୁଡ୍ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମ୍‌ର ରିଜେଂଟସ୍ ପ୍ରଫେସର ଓ କୋଲ୍‌ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଏଆଇ ଭିତିକ ନିଷ୍ପତି ନେବା ପ୍ରଣାଳୀ, ଜଳ ପରିଚାଳନା ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିବା ଅବସରରେ ଆଗାମୀ ଦିନରେ କୃଷି କ୍ଷେତ୍ରର ଉନ୍ନତି ପାଇଁ ଡିଜିଟାଲ୍ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ଗବେଷକ ଓ ବୈଜ୍ଞାନିକମାନେ ଏକ ମଞ୍ଚରେ ଏକତ୍ରିତ ହୋଇ ଜ୍ଞାନର ଆଦାନ-ପ୍ରଦାନ କରିବା ଆନନ୍ଦର ବିଷୟ ବୋଲି ପ୍ରଫେସର ନନ୍ଦ କହିଥିଲେ। ସମ୍ମିଳନୀର ଆୟୋଜନ କମିଟିର ଅଧ୍ୟକ୍ଷ ତଥା ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଆବାହକ ଡ଼କ୍ଟର ଅଂଶୁମାନ ଜେନା ଏବଂ ଡକ୍ଟର ସୁଭପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ଲାଂଟ ଫିଜିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନେବ୍ରାସ୍କା ୱାଟର ସେଂଟରର ଗବେଷଣା ସହାୟକ ପ୍ରଫେସର ଡ଼କ୍ଟର ଅଳକାନନ୍ଦା ମିତ୍ର 'ଏଆଇ ଏନେବଲ୍‌ଡ ଏଗ୍ରିକଲ୍‌ଚର' ବିଷୟରେ ବ୍ୟାଖ୍ୟାନ ଦେଇଥିବା ବେଳେ ପ୍ରଫେସର ବିନାୟକ ପି. ମହାନ୍ତି 'କ୍ଲାଇମେଟ ସ୍ମାର୍ଟ ଡିସିସନ୍ ମେକିଂ ୟୁଜିଂ ଏଆଇ' ଶୀର୍ଷକ ବିଷୟରେ ମତ ରଖିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ପୋଷ୍ଟର ପ୍ରଦର୍ଶନୀ, ଆଲୋଚନା ଓ ଗବେଷଣା ପତ୍ର ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ରହିଛି। ଭାରତ ସହିତ ବିଭିନ୍ନ ଦେଶର ଗବେଷକ, ଶିକ୍ଷକ, ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି।

# ଶୋଷ ମେଣ୍ଟାଉଛି ଚୁଆ, ପାଣି ସମସ୍ୟାକୁ ନେଇ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଜଳ ହିଁ ଜୀବନ । ସେଥିପାଇଁ କୁହାଯାଏ, ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ । ରାଜ୍ୟରେ ଖରା ବଢ଼ିବା ମାତ୍ରେ ଜଳ ଯନ୍ତ୍ରଣା ଜଳଜଳ ହୋଇ ଦେଖାଯାଉଛି । ପରିବାରର ଶୋଷ ମେଣ୍ଟାଇବା ପାଇଁ ଘରର ମାଆମାନେ ନିଇତି କରୁଛନ୍ତି ସଂଘର୍ଷ । କେଉଁଠି ଗରା, ବାଲଟି ଧରି ଘରଠୁ ଦୂରକୁ ଯାଉଛନ୍ତି ତ ଆଉ କେଉଁଠି ଏକମାତ୍ର ନଳକୂପ ପାଖରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ଆଉ କୋରାପୁଟ ଜିଲ୍ଲା ଭଳି ଅପହଂଚ ଉପାନ୍ତ ଗ୍ରାମାଚଂଳରେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ । ଏଭଳି ଏକ ବାସ୍ତବ ଚିତ୍ର ବୈପାରୀଗୁଡା ବ୍ଲକ ରାମଗିରି ପଂଚାୟତ ମାଳିଗୁଡା ଠାରେ ଦେଖିବାକୁ ମିଳିଛି । ପାହାଡ଼ ପର୍ବତ ଘେରା ଉପାନ୍ତ ମାଳିଗୁଡା ଗାଁରେ ରହୁଥିବା ପଚାଶ ପରିବାର ପ୍ରତିବର୍ଷ ଖରା ଦିନେ ପାନୀୟ ଜଳକୁ ନେଇ ବହୁ ସମସ୍ୟା ଭୋଗନ୍ତି । କାରଣ ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ ବ୍ୟବସ୍ଥା କରାଯାଇଛି, ହେଲେ ତାହା ୩ ବର୍ଷ ଧରି ଅଚଳ । ଆଉ ବିଦ୍ୟାଳୟ ପରିସରରେ ନଳକୂପ ଅଛି କିନ୍ତୁ ସ୍କୁଲ ପିଲା ଏବଂ ଅଙ୍ଗନବାଡି ପିଲାଙ୍କ ପାଇଁ ସେ ନଳକୂପ ପାଣି ନିଅଣ୍ଟ । ତେଣୁ ପିଇବା ଓ ଗାଧୁଆ ପାଇଁ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଚୁଆ ହିଁ ଏକମାତ୍ର ବିକଳ୍ପ। ଏଠାରେ ପ୍ରଥମେ ଗାଁ ଲୋକେ ନିଜ ଖର୍ଚ୍ଚରେ ପଥର କୁଣ୍ଡ ନିର୍ମାଣ କରିଥିଲେ । ପରବର୍ତୀ ସମୟରେ ପଂଚାୟତ ତରଫରୁ ସେଠାରେ ଲୁହା ଢ଼ାଙ୍କୁଣି ବ୍ୟବସ୍ଥା କରାଯାଇଛି । କିନ୍ତୁ ସେ ଢ଼ାଙ୍କୁଣି କାମରେ ଲାଗୁନି । ବାହାର ପାଣି କୁଣ୍ଡରେ ଭରି ଯାଉଛି ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇଯାଉଛି କ୍ଷ ଗାଁ ରେ ନଳକୂଅ ସୁବିଧା ନ ଥିବା ଯୋଗୁଁ ବାଧ ହୋଇ ଏକ କିଲୋମିଟର ଦୂରରେ ଏହି ଦୂଷିତ ପାଣି ଉପରେ ନିର୍ଭର କରନ୍ତି କ୍ଷ ପୁଣି ପ୍ରତିଦିନ ବଣ ପାହାଡ଼ ଘେରା ରାସ୍ତାରେ ଚାଲିଚାଲି ଯାଇ ବିପଦସଂକୁଳ ପରିସ୍ଥିତିରେ ପାଣି ସଂଗ୍ରହ କରନ୍ତି । ବନ୍ୟଜନ୍ତୁ ଭୟରେ ପାଣି ସଂଗ୍ରହ ପାଇଁ ମହିଳା ମାନେ ଗାଁ ର ପୁରୁଷ ମାନଙ୍କୁ ସାଥୀରେ ନିଅନ୍ତି । ଦୂଷିତ ପାଣି ପିଇ ଲୋକେ ଅନେକ ସମୟରେ ନାନା ଜଳବାହିତ ରୋଗରେ ପଡୁଥିଲେ ବି ପ୍ରଶାସନ ଶୁଣୁନଥିବା ଅଭିଯୋଗ ହୋଇଛି ।"ଏନେଇ ସ୍ଥାନୀୟ ଆଶାକର୍ମୀ ସାବିତ୍ରୀ ବିଶୋଇ କହିଛନ୍ତି ଯେ, ଲୋକଙ୍କୁ ରୋଗ ଦାଉରୁ ଦୂରେଇ ରହିବାକୁ ଯେତେ ଔଷଧ ଓ ମଶାରୀ ଟାଣିବା ପାଇଁ ସଚେତନ କରାଯାଉଛି କିନ୍ତୁ କ'ଣ ହେବ ଏଠାରେ ପିଇବା ପାଇଁ ବିଶୁଦ୍ଧ ଜଳ ମିଳୁନି । ଏଥିପ୍ରତି ପ୍ରଶାସନ ମଧ୍ୟ ଦୃଷ୍ଟି ଦେଉନି । ଗାଁ ର ଦୈତାରୀ ମାଳି, ଧନ ଚୌଧୁରୀ, ଡମ୍ବୁରୁ ମାଳୀ, କଇତା ମାଳି, ଭଗତ ମାଳି, ରାମନାଥ ମାଳି, ଟାଇପି ବିଶୋଇ, ରେବତୀ ମାଳି, ରଦମା ଯାନୀ ତେଚନ୍ତି ମାଳି ପ୍ରମୁଖ ଅଗାମି ଦିନରେ ପାଣି ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସମସ୍ୟାକୁ ନେଇ ଆମ ପ୍ରତିନିଧି ସ୍ଥାନୀୟ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ଅକ୍ଷୟ ପଟ୍ଟନାୟକଙ୍କ ନଜରକୁ ଆଣିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରି ଅତି ଶୀଘ୍ର ପାଣି ସମସ୍ୟା ସମାଧାନ କରିବେ ।

# ଗ୍ରାମାଞ୍ଚଳରେ ଜନତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣରେ ଆଶା କର୍ମୀଙ୍କ ଭୂମିକା ପ୍ରଶଂସନୀୟ

**କଟକ, ନ୍ୟୁଜ ବ୍ୟୁରୋ**




ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଆଜି ନେତାଜୀ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଆଶା କର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ତାଙ୍କ ଉଦବୋଧନରେ କହିଥିଲେ ଯେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଆଶା କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ଟିକାକରଣ, ପୌଷ୍ଟିକ ଆହାର ବୃଦ୍ଧି ଓ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶା କର୍ମୀମାନଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ । ସେହିପରି ଗାଁ କଲ୍ୟାଣ ସମିତି ମାଧମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ସହ ୧ ମାସ ପୂର୍ବରୁ ଗର୍ଭବତୀ ମହିଳା ମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଡାକ୍ତରଙ୍କ ନିକଟକୁ ନେଇ ରିପୋର୍ଟ ସଂଗ୍ରହ କରିବାକୁ ଉପସ୍ଥିତ ଆଶା କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ପ୍ରସୂତିକାଳୀନ ଉଚ୍ଚରକ୍ତଚାପ ଜନିତ ମାତୃ ମୃତ୍ୟୁହାରକୁ ରୋକିହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର, ଆଶା କର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ନିମନ୍ତେ କାର୍ଯ୍ୟକର୍ତ୍ତା ମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସରକାରୀ ସ୍ୱାସ୍ଥ୍ୟ ଯୋଜନାଗୁଡିକର ସଫଳ କାର୍ଯ୍ୟନ୍ୱୟନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସମ୍ମିଳନୀରେ ଜିଲ୍ଲା ସଂଯୋଜକ କମ୍ୟୁନିଟିପ୍ରୋସେସ ନୃସିହ ଚରଣ ଭୂୟାଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଆଶାକର୍ମୀ ମାନଙ୍କ ନିମନ୍ତେ ଥିବା ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚିନ୍ତାମଣି ମିଶ୍ର, କନସଲଟାନ୍ଟ କମ୍ୟୁନିଟିପ୍ରୋସେସ ଡ. ବସନ୍ତ କୁମାର ସାହୁ, ଜିଲ୍ଲା କାର୍ଯ୍ୟ ପରିଚାଳକ ଟି. ନାରାୟଣ ରାଓ ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ, ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଗୁରୁ ଶତ୍ରୁଘ୍ନ ନାଥ ସରଳତା ଓ ପ୍ରାଣ ପ୍ରାଚୁର୍ଯ୍ୟର ପ୍ରତୀକ ଥିଲେ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**



ଉତ୍କଳରତ୍ନ ପ୍ରଫେସର ଶତ୍ରୁଘ୍ନ ନାଥଙ୍କର ବିଂଶତମ ଶ୍ରାଦ୍ଧବାର୍ଷିକୀ ସଭାପତି ଅଜୟ ନାୟକକଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଅପରାହ୍ନ ୫ଘ: ସମୟରେ ଅନୁଷ୍ଠିତ ହୋଇ ଯାଇଅଛି। ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସଂପାଦକ ସୁଧାକର ରାଉତ ପ୍ରାରମ୍ଭିକ ସୂଚନା ଓ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ୍ ଶୈଳେନ୍ଦ୍ର ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଡଃ ରାଧାରାଣୀ ମହାପାତ୍ର, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ନିଜର ବକ୍ତବ୍ୟ ରଖିବା ସହ ଦିବଂଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଦ୍ମନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍.ଏମ୍. ଫାରୁକ, ଡ଼ଃ ଗୋଲକ ବିହାରୀ ସାହୁ, ଅଧିବକ୍ତା ମନୋରଂଜନ ମହାନ୍ତି, ଅନାଦି ଦାସ, ଗୋବର୍ଦ୍ଧନ ସାମଲ, ଲଲାଟେନ୍ଦୁ ମହାନ୍ତି, ପ୍ରମୋଦ ନାୟକ, ଡଃ ଶୈଳେନ୍ଦ୍ର ମହାନ୍ତି, କମଳା କାନ୍ତ ସ୍ୱାଇଁ, ଶାନ୍ତନୁ ରାଉତ ଓ ହୃଦାନନ୍ଦ ପାଣିଗ୍ରାହୀ ତାଙ୍କର ମତବ୍ୟକ୍ତ କରି ଗୁରୁଙ୍କର ନୀତି ଆଦର୍ଶ ସଦା ସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ଚିନ୍ତା ନାୟକ ଶତ୍ରୁଘ୍ନ ନାଥ ସରଳତା ଓ ପ୍ରାଣ ପ୍ରାଚୁର୍ଯ୍ୟର ପ୍ରତୀକ ଥିଲେ। ଶୈକ୍ଷିକ, ସାରସ୍ୱତ ଓ ଆଧାତ୍ମିକ ଜୀବନରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ଏକଧାରାରେ ସେ ଜଣେ କର୍ମଯୋଗୀ, ଜ୍ଞାନଯୋଗୀ ଓ ଭକ୍ତିଯୋଗୀ ବୋଲି ନିଜକୁ ପ୍ରତିପାଦିତ କରିଥିଲେ। ସଚରାଚର ସମସ୍ତଙ୍କର ମଙ୍ଗଳ କାମନା କରୁଥିବା କବି ମଣିଷ ଶତ୍ରୁଘ୍ନ ନାଥଙ୍କ ସ୍ମୃତି ଚିରକାଳ ସମସ୍ତଙ୍କୁ ଆଲୋକିତ ଓ ଆଲୋଡ଼ିତ କରିବ ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଆୟୋଜିତ ଶତ୍ରୁଘ୍ନ ନାଥଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀରେ ମତ ପ୍ରକାଶ କରିଥିଲେ। ପ୍ରଫେସର ନାଥଙ୍କ ସ୍ମୃତିକୁ ଅଦ୍ୟାବଧି ଉଦ୍‌ଜୀବିତ କରି ରଖିଥିବା ଓ ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରେରଣା ଯୋଗାଉଥିବାରୁ ଡ଼ଃ ବ୍ରଜମୋହନ ମିଶ୍ର ଓ ଡ଼ଃ ବାଇଧର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ବସୁମିତ୍ରା ସାହୁ ଓ ଶ୍ରୀମତୀ ସଂଯୁକ୍ତା ବଳ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ମଦନ ନାୟକ, ଗଦାଧର ବଳ, ଦିବ୍ୟସିଂହ ନାୟକ, ଇଂ ଅମ୍ବିକା ବଲ୍ଲବ ସ୍ୱାଇଁ, ବାଦଲ ମହାପାତ୍ର, ଶଶିଭୂଷଣ ପାଢ଼ୀ, ମୁକ୍ତିକାନ୍ତ ମହାପାତ୍ର, କୈଳାସ ପଣ୍ଡା, ନିହାର ଦାସ, ଗୀତାରାଣୀ ଆଇଚ, ଝରଣା ପଟ୍ଟନାୟକ, ଇନ୍ଦ୍ରମଣୀ ପଣ୍ଡା, ବାବୁଲାଲ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭଦ୍ରକ ପୌରପାଳିକାର ପ୍ରାକ୍ତନ ଅଧକ୍ଷା ହେମାଙ୍ଗିନୀ ସାହୁଙ୍କ ଅକାଳ ବିୟୋଗରେ ତାଙ୍କପ୍ରତି ଗଭୀର ଶୋକବ୍ୟକ୍ତ କରାଯାଇ ସଭାସଙ୍ଗ କରାଯାଇଥିଲା।

# କେନାଲକୁ ଜବରଦଖଲ ମୁକ୍ତ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଂଚାୟତ ଅଧୀନ ବାଲିଚତୁରୀ ମୌଜାରେ କେନାଲ ଜବର ଦଖଲରେ ରହିଛି ।ମାତ୍ର କାଡାନାଳ ନିର୍ମାଣ କାର୍ଯ୍ୟ ଚାଲିଛି । କେନାଲକୁ ଜବର ଦଖଲ ମୁକ୍ତ କରିବା ନେଇ ଚାଷୀ ସୋମବାର ବ୍ଲକ ପରିସରରେ ଅନୁଷ୍ଠିତ ଜନ ଅଭିଯୋଗ ଶିବିରରେ ଜବର ଦଖଲ ମୁକ୍ତକରିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ପାଳ ଦିଲ୍ଲୀପ ରାଉତରାଏଙ୍କ ନିକଟରେ ଦାବି କରିଛନ୍ତି। ତେବେ ସେହି ମୌଜାରେ ଥିବା କେନାଲ ଓ ଶାଖା କେନାଲକୁ ଜବରଦଖଲ ମୁକ୍ତ କରା ନଯାଇ କାଡାନାଳ ନିର୍ମାଣ କରାଯିବା କେତେଦୂର ଯୁକ୍ତିସଙ୍ଗତ ସେନେଇ ମୌଜାର ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାଲିଚତୁରୀ ମୌଜାର ଚାଷଜମିକୁ ଜଳସେଚିତ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଏବେ କାଡାନାଳ ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ମୌଜାରେ ଥିବା କେନାଲ ଓ ଶାଖା କେନାଲକୁ କେତେକ ବ୍ୟକ୍ତି ଅବରୋଧ କରିଛନ୍ତି । କେନାଲରୁ କାଡାନାଳ ମାଧମରେ ଜଳ ଯୋଗାଣ ହୋଇ ଚାଷଜମି ଜଳସେଚିତ ହେବ । କେନାଲ ଅବରୋଧ ହୋଇଥିବା ସ୍ଥଳେ କାଡାନାଳରୁ ଚାଷୀମାନେ ଉପକାର ପାଇ ପାରିବେ ନାହିଁ । କିଛି ବର୍ଷ ପରେ କାଡାନାଳ ବି ନିଶ୍ଚିହ୍ନ ହୋଇଯିବ ଏବଂ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଏପରିସ୍ଥଳେ ପ୍ରଥମେ କେନାଲକୁ ଅବରୋଧ ମୁକ୍ତ କରି ପରେ କାଡାନାଳ ନିର୍ମାଣ କରିବାକୁ ଉମାକାନ୍ତ ମଲିକ, ରାମଚନ୍ଦ୍ର ମଲିକ, ଝୁନିଲତା ମଲିକ, ମାନସ ମଲିକ, ବାସନ୍ତୀ ମଲିକ, ରବିନ୍ଦ୍ର ଦାସ, ଜଗବନ୍ଧୁ ଦାସ, ସୁରେନ୍ଦ୍ର ଦାସ, ଶକୁନ୍ତଳା ଦାସ ପ୍ରମୁଖ ଚାଷୀମାନେ ଦାବି ଜଣାଇଥିଲେ । ପରିସ୍ଥିତି ଅନୁଧାନ କରି ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ବୃଦ୍ଧାଙ୍କଠାରୁ ସୁନା ଚେନ ଝାମ୍ପି ନେଇ ୨ ଗିରଫ

**ପୁରୀ, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ପୂର୍ବାହ୍ନ ମଧୁବନ ପଂଚମ ଗଳିର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ୭୮ ବର୍ଷୀୟ ନିରୁପମା ମିଶ୍ର ନୃସିଂହ ମନ୍ଦିର ନିକଟକୁ ଶାଗ କିଣି ମାଟିଆପଡା ଛକ ଦେଇ ଘରକୁ ଫେରୁଥିଲେ। ମାଟିଆପଡା ଛକ ଗିରି ଗୋସ୍ୱାମୀ ମଠ ନିକଟରେ କେଟିଏମ ସ୍ପିଡି ବାଇକରେ ଦୁଇଜଣ ଦୁର୍ବୃତ୍ତ ଦ୍ରୁତ ଗତିରେ ଆସି ନିରୁପମାଙ୍କ ବେକରୁ ୨୩ଗ୍ରାମ ଓଜନର ସୁନା ଚେନ ଝାମ୍ପି ନେଇଥିଲେ । ଏ ସମ୍ପର୍କରେ ନିରୁପମା ତାଳବଣିଆ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୮୩/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସିସିଟିଭି ଦୃଶ୍ୟକୁ ଆଧାର କରି ଦୁଇଜଣ ଲୁଟେରାଙ୍କୁ ପିପିଲି ଠାରେ ପୋଲିସ କାବୁ କରିଥିଲା । ବୁଧବାର ଦିନ ଏସମ୍ପର୍କରେ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏସପି ପ୍ରତୀକ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଗତକାଲି ଘଟଣା ପରେ ସବୁଥାନାକୁ ଆଲର୍ଟ କରାଯାଇଥିଲା । ପିପିଲି ଠାରେ ଏହି ଦୁଇଜଣ ଲୁଟେରାଙ୍କୁ ପୋଲିସ କାବୁ କରିଥିଲା । ଲୁଟେରା ଦୁଇଜଣ ବିହାର ରାଜ୍ୟର ଆଠମଙ୍ଗଳା ଥାନା ଅଂଚଳର ଚନ୍ଦା ଗ୍ରାମର ୨୭ ବର୍ଷୀୟ ମୋନୁ ସିଂହ ଓ ସୀତାମାରୀ ଜିଲ୍ଲାର ବିଲା ହିଜେରାମ ଗ୍ରାମର ୨୮ ବର୍ଷୀୟ ଦୀପକ କୁମାର ସିଂହ । ବିହାର ବାସିନ୍ଦା ହୋଇଥିବା ବେଳେ ଦିଲ୍ଲୀରେ ରହି ଲୁଟ କରୁଥିଲେ । ମଝିରେ ମଝିରେ ଓଡ଼ିଶା ଆସି ଭୁବନେଶ୍ୱରରେ ରହି ଆଖପାଖ ଜିଲ୍ଲାରୁ ଲୁଟ କରି ଦିଲ୍ଲୀ ପଳାଉଥିଲେ । ଦିଲ୍ଲୀ ନମ୍ବର ପ୍ଲେଟ ବଦଳାଇ ଓଡ଼ିଶା ନମ୍ବର ପ୍ଲେଟ ବାଇକରେ ଲଗାଉଥିଲେ । ଏହି ଛିନତାଇ ପୂର୍ବରୁ ପୁରୀ ବ୍ରହ୍ମଗିରି ରାସ୍ତା ଖଡିପଦା ଛକ ଠାରୁ ଅଶୋକ ପଟ୍ଟନାୟକଙ୍କ ବେକରୁ ମଧ ସୁନା ଚେନ ଛିନତାଇ କରିଥିଲେ । ସେମାନଙ୍କ ଠାରୁ ଦୁଇଟି ସୁନା ଚେନ, ଗୋଟିଏ କେଟିଏମ ମଟର ସାଇକେଲ ନମ୍ବର ଓଡି-୦୨ ସିଡି ୨୩୬୧, ଗୋଟିଏ ଏୟାର ବ୍ୟାଗ, ଦୁଇଟି ଦିଲ୍ଲୀ ପଞ୍ଜିକରଣ ନମ୍ବର ପ୍ଲେଟ ଓ ଦୁଇଟି ମଟର ସାଇକେଲ ଚାବି ଜବତ କରାଯାଇଛି ।

# ସମାଜରେ ଶାନ୍ତି ରକ୍ଷା ଓ ଗୋଷ୍ଠୀ ସଶକ୍ତିକରଣରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଜଗତସିଂହପୁର ନ୍ୟୁଜ ବ୍ୟୁରୋ**



ରେଡ଼ିଓ ସଂସ୍କାର ପକ୍ଷରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ସୋତନ୍ତ୍ର କାର୍ଯ୍ୟକ୍ରମ ସଂପୂର୍ଣ୍ଣ। ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇଟି ପର୍ଯ୍ୟାୟ ?ରେ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଅତିଥିଭାବେ ଯୋଡ଼ି ହେଇଥିଲେ ତିନି ଜଣ ମହିୟସୀ ମହିଳା ଆଶ୍ରମ ବାଳା ଦୁବେ (ପ୍ରାକ୍ତନ ଶିକ୍ଷୟିତ୍ରୀ ଶ୍ରୀକୃଷ୍ଣ ଏକାଡେମୀ), ସୁଶ୍ରୀ ମିଳନ ଜେନା (ନିର୍ଦ୍ଦେଶିକା, ଅଭିୟାଂଶ ସମାଚାର), ମହଜାବୀନ ଫିଦୌସ (ଶିକ୍ଷୟିତ୍ରୀ) ସମାଜରେ ଶାନ୍ତି ରକ୍ଷା ଏବଂ ଗୋଷ୍ଠୀ ସଶକ୍ତିକରଣ ଉପରେ ମହିଳାଙ୍କ ଭୂମିକା କଣ ଅଛି ? ଏବଂ ମହିଳାଙ୍କ ସହିତ ସମାଜର ପ୍ରଗତି କିପରି ଜଡ଼ିତ ? ସେ ସମ୍ପର୍କରେ ଅନେକ ଶିକ୍ଷାମୂଳକ ବାର୍ତ୍ତା ବାଣ୍ଟିଥିଲେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀମତୀ ଅର୍ଚ୍ଚନା ସିଂହ (ଅଧକ୍ଷା, ପୌରପରିଷଦ ଜଗତସିଂହପୁର), ସୁଶ୍ରୀ ଲିଲନ ପ୍ରଭା ପାଢ଼ୀ (ଜିଲ୍ଲା ପ୍ରତିନିଧି, ପ୍ରଗତିବାଦୀ ଖବରକାଗଜ) ଏବଂ ସାହେଦା ତାବସ୍ସୁମ୍ (ସରପଞ୍ଚ, ବିଦ୍ୟାଧରପୁର) ସମାଜର କେଉଁ କେଉଁ କ୍ଷେତ୍ରରେ ବର୍ତ୍ତମାନ ମହିଳାମାନେ ସଶକ୍ତ ହେଲେଣି ଏବଂ ମହିଳାଙ୍କ ବିନା ରାଷ୍ଟ୍ର ବିକାଶର ସ୍ୱପ୍ନ ଅଧୁରା: ଏହା ଉପରେ ଆପଣଙ୍କ ମତାମତ କଣ ? ଏ ସମ୍ପର୍କରେ ଅନେକ ଶିକ୍ଷଣୀୟ କଥା ଆଲୋକପାତ କରିଥିଲେ । ତା ସହିତ ଅନେକ ମହିୟସୀ ନାରୀଙ୍କ ସଫଳକାର ବିଷୟରେ କହିବା ସହିତ ତାଙ୍କ ଜୀବନର ସଂଘର୍ଷ ବିଷୟରେ ସମସ୍ତ ମହିଳାଙ୍କୁ ଆଲୋକପାତ କରିଥିଲେ ଏବଂ ମହିଳାମାନଙ୍କୁ ନିଜକୁ ସୁରକ୍ଷିତ ରଖିବା ସହ ଆତ୍ମବିଶ୍ୱାସ ବଢ଼ାଇବା, ନିଜକୁ ସବାଲ ଓ ସ୍ୱାବଲମ୍ବୀ ହେବା ଏହି ବିଷୟରେ ଜଣାଇଥିଲେ। ଶେଷରେ ସମସ୍ତ ସମ୍ମାନନିୟ ମହିଳାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଟ୍ରଫି ପ୍ରଦାନକରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରେଡ଼ିଓ ସଂସ୍କାରର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ କାର୍ଯ୍ୟକ୍ରମ ମୁଖ୍ୟ ଆରଜେ ସସ୍ମିତାଙ୍କ ସହ ସମସ୍ତ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ ।

# 'ଶିକ୍ଷା ଓ ସଚେତନତା ନାରୀଙ୍କ ମର୍ଯ୍ୟାଦା ଓ ସଶକ୍ତିକରଣକୁ ସୁନିଶ୍ଚିତ କରାଏ'

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**




ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହ ସହିତ ପାଳନ କରାଯାଇଥିଲା। ନାରୀ ସଶକ୍ତିକରଣ ଓ ନେତୃତ୍ୱ ଉପରେ ଗୁରୁତ୍ୱ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୁଳସଚିବ କୁକୁମୀନା ଦାସ ନିଜ ଉଦବୋଧନରେ ନାରୀମାନଙ୍କ ପାଇଁ ପ୍ରତିଷ୍ଠାନଗତ ସହଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ବ୍ୟକ୍ତ କରିଥିବା ସହ ଯୁବ ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ ଓ ଦୃଢ଼ ସଙ୍କଳ୍ପ ସହ ନିଜ ଲକ୍ଷ୍ୟ ସାଧନ ପାଇଁ ଆଗୁଆ ହେବାକୁ ପ୍ରେରିତ କରିଥିଲେ। ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର କବିତା ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ସମାଜ ଓ ସାହିତ୍ୟରେ ମହିଳାଙ୍କ ବୃଦ୍ଧିଶୀଳ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଶିକ୍ଷା ଓ ସଚେତନତା ହେଉଛି ନାରୀଙ୍କ ମର୍ଯ୍ୟାଦା, ସମାନତା ଓ ସଶକ୍ତିକରଣ ସୁନିଶ୍ଚିତ କରିବାର ପ୍ରମୁଖ ଉପାୟ । ଏହି ଅବସରରେ ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ବିଭାଗର ପ୍ରଥମ ମହିଳା ଲୋକୋ ପାଇଲଟ୍ ସୌମ୍ୟସ୍ନାତା ପାରହୀଙ୍କୁ ପାରମ୍ପରିକ ଭାବେ ପୁରୁଷ ପ୍ରାଧାନ୍ୟ ଥିବା କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ସେ ନିଜ ଉଦବୋଧନରେ ତାଙ୍କ ପ୍ରେରଣାଦାୟକ ଜୀବନଯାତ୍ରାକୁ ଉପସ୍ଥାପନ କରି ଛାତ୍ରୀମାନଙ୍କୁ ଧୈର୍ଯ୍ୟ, ସାହସ ଓ ନିଷ୍ଠା ସହିତ ସମସ୍ତ ବାଧାକୁ ଅତିକ୍ରମ କରିବାକୁ ଆହ୍ୱାନ କରିଥିଲେ। ସଭାପତିୟ ଉଦବୋଧନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ ଉଲ୍ଲେଖ କରି କହିଥିଲେ ଯେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀମାନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ। ସେ ଆହୁରି କହିଥିଲେ ଯେ ବିଶ୍ୱବିଦ୍ୟାଳୟମାନେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ, ନାରୀ ନେତୃତ୍ୱର ବିକାଶ ଓ ସେମାନଙ୍କ ସମଗ୍ର ଉନ୍ନତି ପାଇଁ ସୁଯୋଗ ସୃଷ୍ଟିରେ ମୁଖ୍ୟ ଭୂମିକା ନେବା ଆବଶ୍ୟକ। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ସଭାପତିତ୍ୱରେ ନାରୀ ସଶକ୍ତିକରଣ ଓ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଏକ ପ୍ୟାନେଲ ଆଲୋଚନା ମଧ୍ୟ ଆୟୋଜିତ ହୋଇଥିଲା। ଏହି ଆଲୋଚନାରେ - ନୀଳଗିରିର ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଡି.ଆର.ଡି.ଓ ଚାନ୍ଦିପୁରର ବୈଜ୍ଞାନିକ-ଜି ଡ଼କ୍ଟର ଶ୍ରାବଣୀ ଘୋଷ, କେ.ସି. ପିପିଲି ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ମାନସୀ ସାହୁ, ବିଶିଷ୍ଟ ସମ୍ପାଦିକା ଓ ସାହିତ୍ୟିକା ସୈରେନ୍ଦ୍ରୀ ସାହୁ, ଡ଼କ୍ଟର କବିତା ବାରିକ, କୁଳସଚିବ କୁକୁମୀନା ଦାସ ଓ ସାମାଜିକ ବିଜ୍ଞାନ ବିଭାଗର ଛାତ୍ରୀ ରୋଜାଲିନ ସାହୁ ପ୍ୟାନେଲିଷ୍ଟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ୟାନେଲ ସଦସ୍ୟମାନେ ନାରୀ ସଶକ୍ତିକରଣର ସମସ୍ୟା ଓ ସୁଯୋଗ ସମ୍ବନ୍ଧୀୟ ନିଜ ମତାମତ ପ୍ରକାଶ କରି ସମାନତା ସାଧନ ପାଇଁ ସାମୁହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମର ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ଦେଇ ଶିକ୍ଷା, ଗବେଷଣା ଓ ନେତୃତ୍ୱ କ୍ଷେତ୍ରରେ ନାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ସମାବେଶୀ ଶିକ୍ଷା ପରିବେଶ ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନକୁ ପ୍ରୟୋଗାଧାରିତ ମନୋବିଜ୍ଞାନ ବିଭାଗର ସହଯୋଗୀ ଅଧ୍ୟାପକ ଶଶାଙ୍କ ଶେଖର ଗଡନାୟକ ଓ ଆଲୋଚନାଚକ୍ରକୁ ସହଯୋଗୀ ଅଧ୍ୟାପିକା ଶିଖାଶ୍ରୀ ରାୟ ସମନ୍ୱୟ କରିଥିଲେ। ଶେଷରେ ନୃତତ୍ତ୍ୱ ବିଭାଗର ସହଯୋଗୀ ଅଧ୍ୟାପକ ଡ଼କ୍ଟର ଆକାଶ ମଲ୍ଲିକଙ୍କ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗ୍ରାମରାସ୍ତା ଫେବର ବ୍ଲକ କରିବା ପାଇଁ ଦାବି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପଂଚାୟତର ଯଦୁମଣୀ ରାଉତଙ୍କ କେବିନ୍ ପାଖରୁ ବାସୁଦେବ ମଠ ଭାୟା ପ୍ରଶାନ୍ତ ରାଉତଙ୍କ ଘର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫେବର ବ୍ଲକ କରିବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ହେଲା ଏହି ରାସ୍ତାଟି ଶୋଚନୀୟ ଥିବାରୁ ସ୍କୁଲ୍ ଛାତ୍ର ଛାତ୍ରୀ, ବରିଷ୍ଠ ନାଗରିକ ଓ ମହିଳାମାନେ ଯାତାୟାତରେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ କାଦୁଅରେ ପଶି ଯିବା ଆସିବା କରିବାକୁ ପଡୁଛି। ତେଣୁ ଏହି ରାସ୍ତାଟିକୁ ଫେବର ବ୍ଲକ କରିବା ପାଇଁ ଗ୍ରାମର ପ୍ରଶାନ୍ତ ରାଉତ, ପୁନମ୍ ରାଉତ, ଅଞ୍ଜନା ବିଶ୍ୱାଳ, ଶ୍ରୀକାନ୍ତ ତରାଇ, ଆରତୀ ରାଉତ, ସାଇ ସନ୍ତୋଷୀ ପରିଡା, ଅନ୍ନପୂର୍ଣ୍ଣା ପରିଡା ପ୍ରମୁଖ ଦାବି କରିଛନ୍ତି।

# କେନାଲକୁ ଅବରୋଧ ମୁକ୍ତ ପାଇଁ ଦାବି



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ତହସିଲ ଅନ୍ତର୍ଗତ ନଗଡ ରାଜସ୍ୱ ଗ୍ରାମ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀ ଠାରୁ ବାହାରି ଥିବା କେନାଲକୁ ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତି ଅବରୋଧ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଶହ ଶହ ଚାଷୀ ଓ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କେନାଲରୁ ଜଳ ଯିବା ଦ୍ୱାରା ନଗଡ, ସନ୍ତୁପଡା, ଗୋବିନ୍ଦପୁର, ଦାଣ୍ଡି ଓ ମଦନପୁର ଦେଇ ପ୍ରସ୍ତାବିତ ହୋଇଅଛି। ବ୍ରାହ୍ମଣୀର ମିଠାପାଣି ଯୋଗୁଁ ଉକ୍ତ ରାଜସ୍ୱ ଗ୍ରାମର ହଜାର ହଜାର ଚାଷୀଙ୍କ ଚାଷ ଜମିକୁ ପାଣି ଯାଇଥାଏ। ଏହାଦ୍ୱାରା ଖରିଫ ଓ ରବି ଫସଲ ମଧ ସୁରୁଖୁରୁ ରେ ଉତ୍ପାଦନ କରୁଥାଉ। ଆହୁରି ମଧ କେନାଲ ପାଣିରେ ହଜାର ହଜାର ଜନ ସାଧାରଣ ଚଳ ପ୍ରଚଳ ହେବା ସହ ଗୃହପାଳିତ ପଶୁ ଏହି ଜଳ ପ୍ରବାହ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ନଗଡ ରାଜସ୍ୱ ଗ୍ରାମ ଠାରେ କିଛି ମୁଷ୍ଟିମେୟ ଓ ନୈର୍ଥସ୍ୱାର୍ଥ ବ୍ୟକ୍ତି କେନାଲକୁ ପୁନଃମାତ୍ରା ରେ ଅବରୋଧ କରିଛନ୍ତି। ଯାହା ଫଳରେ କେନାଲରେ ପାଣି ଯିବା ଆସିବା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଏହି କେନାଲରେ ଦଳ ଭର୍ତି ହେବା ଦ୍ୱାରା ପରିବେଶ ନଷ୍ଟ ହେବା ସହ ଦୁର୍ଗନ୍ଧ ହେଉଛି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବା ସହ କେନାଲକୁ ଅବରୋଧ ମୁକ୍ତ କରିବା ପାଇଁ ଦିଲିପ କୁମାର ସିହ, ଅରବିନ୍ଦ ପାତ୍ର, ଶରତ ରାଉତ, ଖତୁ ମଲିକ ପ୍ରମୁଖ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ମାର୍ଚ୍ଚ ୨୦୨୬ ସୋମବାର





# ବଲାଙ୍ଗୀର ଜିଲ୍ଲାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ : ୧୦,୮୩୪ ମାମଲା ଫଇସଲା

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସହିତ ଜିଲ୍ଲାର ସମସ୍ତ ତାଲୁକ ସ୍ତର ଓ ଟୁଷୁରା କୋର୍ଟରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଭାରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ମଳୟ ରଂଜନ ଦାଶ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଦୀପ୍ ମିଶ୍ରଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା । ଏଥିରେ ବିମଳ କୁମାର ଚାନ୍ଦ, ଚେୟାରମ୍ୟାନ, ପି ଏଲ୍ ଏ, (ପି ୟୁ ଏସ୍), ଅଞ୍ଜଳି ପାଢ଼ୀ, ଅତିରିକ୍ତ ଜିଲ୍ଲା ଜଜ୍ (ଦ୍ୱିତୀୟ), ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଶଙ୍ଖ ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର, ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ), ଅର୍ଣ୍ଣପୂର୍ଣ୍ଣା ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଦୀପାରାଣୀ ଜେନା, (ଝଉଔଗ) ସାସ୍ୱତୀ ମହାପାତ୍ର, ସିଭିଲ୍ ଜଜ୍




(କନିଷ୍ଠ), ଦୀପାଳି ଦାସ (ଜେ.ଏମ୍.ଏଫ୍.ସି), ଅର୍ଘ୍ୟରୂପା ମିଶ୍ର (ଜେ.ଏମ୍.ଏଫ୍.ସି), ଏବଂ ଜିଲ୍ଲା ବାରର ପ୍ରାୟ ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, BSNL ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ । ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ମଳୟ ରଂଜନ ଦାଶଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପ୍ରାଧିକରଣ ପରିସରରେ ଉପସ୍ଥିତ ବ୍ୟକ୍ତିମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ସଚେତନତା ବୃଦ୍ଧି ପାଇଁ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନର ଶିବିର ମଧ୍ୟ ଖୋଲାଯାଇଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ୧୫ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇ ୫୬୩୮୬୧ ଟଙ୍କାରେ ସ୍ୱରସ୍ୱାକ୍ଷର ହୋଇଥିଲା । ୮ଟି ବ୍ୟାଙ୍କ ମକୋଦ୍ଦମାର ସମାଧାନ କରାଯାଇ ୩୦୧୪୬୧୨.୦୭ ଟଙ୍କାରେ ସମାଧାନ ହୋଇଥିଲା । ୧୪ଟି ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୪୭୦୬୦୦୦/- ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୩୮୬ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇ ୩୭୭୨୫୮୫/- ଟଙ୍କା ରେ settle ହୋଇଥିଲା । ପାରିବାରିକ ମିଳାମିଶାରେ ୪ଟି ମାମଲା ଫଇସଲା ହୋଇଥିଲା । ୮୮୮୭ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା ଏବଂ ଟ.୧୮୭୮୭୦୦/-ରାଜସ୍ୱ ଆଦାୟ କରାଯାଇଥିଲା ୧୫୨୦ଟି ପ୍ରାକ୍ ମକୋଦ୍ଦମା ମାମଲାର ସମାଧା କରାଯାଇ ୧୯୩୦୬୬୭୬/- ଟଙ୍କାରେ settle ହୋଇଥିଲା । ମୋଟ ୧୦୮୩୪ଟି ମୋକଦ୍ଦମା ଫଇସଲା କରାଯିବା ସହିତ ୩୩୨୪୨୪୩୪.୦୭ଟଙ୍କା ରେ settle ହୋଇଥିଲା । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ସଚିବ (ଭାରପ୍ରାପ୍ତ) ଶ୍ରୀଦୀପ୍ ମିଶ୍ର ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳା ରକ୍ଷାରେ ଜିଲ୍ଲା ପୋଲିସ ପ୍ରଶାସନ ସହଯୋଗ ପ୍ରଦାନ କରିଥିଲା ।

# ଐତିହାସିକ ଗୋହିରାଟିକିରି ମଠର ସୁରକ୍ଷା ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

**ଧାମନଗର ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଇତିହାସ ସହ ଜଡ଼ିତ ଧାମନଗର ବ୍ଲକ ଦୋବଲ ନିକଟସ୍ଥ ମୁସ୍ତାଫାପୁର ପଞ୍ଚାୟତର ପ୍ରସିଦ୍ଧ ଗୋହିରାଟିକିରି ମଠ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦ ଦେବଙ୍କ ବୀରତ୍ୱ ଓ ଆତ୍ମବଳିର ସ୍ମୃତି ବହନ କରୁଥିବା ଏହି ପର୍ଯ୍ୟଟନ ସ୍ଥଳୀରେ ଏବେ ଅଶାନ୍ତିର ବାତାବରଣ ଦେଖାଦେଇଛି । ମଠର ମହନ୍ତଙ୍କ ଅସଦାଚରଣ ଓ ସ୍ଥାନୀୟ ଲୋକଙ୍କ ସହ ବିବାଦକୁ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ମଠର ବର୍ତ୍ତମାନର ମହନ୍ତ ବିଭିନ୍ନ ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କୁ ଉଚିତ ସମ୍ମାନ ପ୍ରଦାନ କରୁନାହାନ୍ତି । ଏହି ଘଟଣାକୁ ନେଇ ମଠ ମହନ୍ତ ଓ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ତିକ୍ତତା ଲାଗି ରହିଛି । ସ୍ଥିତି ଏପରି ହୋଇଛି ଯେ, ଏହି ବିବାଦ ଏବେ ଧାମନଗର ଥାନାର ଦ୍ୱାରସ୍ଥ ହୋଇଛି । ଏହି ଐତିହାସିକ ପୀଠର ସୁରକ୍ଷା ଓ ଗାରିମା ରକ୍ଷା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶତାଧିକ ଲୋକ ଯୋଗ ଦେଇ ମଠର ପରିଚାଳନାଗତ ତ୍ରୁଟି ଓ ମହନ୍ତଙ୍କ ବ୍ୟବହାର ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଜଗବନ୍ଧୁ ପ୍ରଧାନ, ପିତାମ୍ବର ବିଶ୍ୱାଳ, ଦଶରଥ ଗାହାଣ, ପଦ୍ମଲାଭ ରାଉତ, ଅର୍ଜୁନ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ । ଗୋହିରାଟିକିରି ମଠ ଆମ ଅଞ୍ଚଳର ଗର୍ବ । ଏଠାରେ ମୁକୁନ୍ଦ ଦେବଙ୍କ ଇତିହାସ ଜଡ଼ିତ । କିନ୍ତୁ ମହନ୍ତଙ୍କ ଏପରି ବ୍ୟବହାର ଏହି ପବିତ୍ର ପୀଠର ମର୍ଯ୍ୟାଦା ହାନି କରୁଛି । ମଠର ସୁରକ୍ଷା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଉପସ୍ଥିତ ଗ୍ରାମବାସୀ କହିଛନ୍ତି । ମଠର ସୁରକ୍ଷା ଓ ବିବାଦର ସମାଧାନ ପାଇଁ ଗ୍ରାମବାସୀ ମାନେ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି । ଯଦି ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଘଟଣା ଏବେ ସମଗ୍ର ଭଦ୍ରକ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ଦିଗରେ ମଠର ମହନ୍ତ କହିଛନ୍ତି ମୋ ବିରୁଦ୍ଧରେ ସବୁ ଚକ୍ରାନ୍ତ ଚାଲିଚି ସବୁ ଅଭିଯୋଗକୁ ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ।



# ସୋନପୁର ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଖୋଲିବା ନେଇ ଆଶା ଉଜ୍ଜୀବିତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁରର ସର୍ବ ପୁରାତନ ସୋନପୁର କଲେଜରେ ପିଜି ପାଠ୍ୟକ୍ରମ ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି । ସୋନପୁର କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୮ ଗୋଟି ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ସମ୍ବଲପୁରଙ୍କ ଠାରେ ଆବେଦନ କରାଯାଇଥିବା ବେଳେ ଆଜି ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମୁରଲୀଧର ମାଝୀ ଏବଂ ସୋନପୁର ଏଡିଏମ୍ ରାଜେନ୍ଦ୍ର ମାଝୀ ସୋନପୁର ମହାବିଦ୍ୟାଳୟର କ୍ଷେତ୍ର



ପରିଦର୍ଶନ କରିଥିବା ଜଣାପଡିଛି । ସୋନପୁର ମହାବିଦ୍ୟାଳୟ ପକ୍ଷରୁ ନୂତନ ଭାବରେ ଇଂରାଜୀ, ଓଡ଼ିଆ, ସଂସ୍କୃତ, ଇତିହାସ, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଏବଂ ପ୍ରାଣୀ ବିଜ୍ଞାନ ବିଭାଗ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବା ପାଇଁ ମାନ୍ୟବର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁରଙ୍କ ଠାରେ କଲେଜ ପକ୍ଷରୁ ଆବେଦନ କରାଯାଇଥିବା ଜଣାପଡିଛି । ଏହି ଗସ୍ତ ସମୟରେ କଲେଜ ଅଧକ୍ଷ ରାଧାକାନ୍ତ ନାଏକଙ୍କ ସମେତ ସମସ୍ତ ଅଧାପକ, ଆଲୁମିନୀ ସଂଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶଙ୍କ ସହିତ କଲେଜ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖବର ଜଣାପଡିବା ପରେ ଛାତ୍ରଛାତ୍ରୀ ମହଲ ରେ ଖୁସିର ଲହରୀ ଖେଳିଯାଇଛି ।

# ବାଇକ୍ ସହ ୨୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଥାନା ଖଜୁରୀପଡା ନିକଟରୁ ବାଇକ ସହ ୨୭ କେଜି ଗଞ୍ଜେଇ ଜବତ କରିଛି ବୌଦ୍ଧ ଅବକାରୀ ବିଭାଗ । ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଅବକାରୀ ଥାନା ପକ୍ଷରୁ ଖଜୁରୀପଡା ନିକଟରେ ଚଢ଼ାଉ କରାଯାଇଥିଲା । ବାଇକ ସହ ୨୭ କେଜି ଗଞ୍ଜେଇ ଜବତ କରି ମନମୁଣ୍ଡା ଥାନା ମଲ୍ଲିକପଡା ଗ୍ରାମର ସୁବଳ ମହାକୁଡକୁ ଗିରଫ କରାଯାଇଛି । ଚଢ଼ାଉରେ ବୌଦ୍ଧ ଅବକାରୀରେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଶତପଥୀ, ଏ ଏସ ଆଇ ଆସୀତ୍ କୁମାର ପ୍ରଧାନ, କନେଷ୍ଟବଳ ଲୋକନାଥ ଭୋଇ, ହୃଷିକେଶ ବାରିକ ଓ ରାଜ କିଶୋର କହଁର ସାମିଲ ହୋଇଥିଲେ ।



# ମାର୍ଚ୍ଚ ୨୨ରୁ କୃଷକ ସଂଗଠନର ଭୁବନେଶ୍ୱର ପଦଯାତ୍ରା

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ରାଜ୍ୟ ନବନିର୍ମାଣ କୃଷକ ସଂଗଠନର ଯାଜପୁରଜିଲ୍ଲା ଶାଖାର ପ୍ରସ୍ତୁତି ବୈଠକ ଜାରକାନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୃଷକନେତା ଚୌଧୁରୀଜେନା ଅଧକ୍ଷତା କରିଥିଲେ । ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିଲେ କୃଷକମାନଙ୍କ ଅଧିକାରଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ୨୨ତାରିଖରୁ କେନ୍ଦୁଝର ଘଟଗାଁଠାରୁ ପଦଯାତ୍ରା ବାହାରି ୩୧ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ । ରାସ୍ତାର ବିଭିନ୍ନସ୍ଥାନରେ ଚାଷୀ ଓ କୃଷକସଂଗଠନ ପକ୍ଷରୁ ପଦଯାତ୍ରାକୁ ସ୍ୱାଗତ କରିଯିବା । ରାଜ୍ୟ ସହସଂଯୋଜକ ନିମାଇଁ ରାୟ ଓଜିଲ୍ଲା ସଂଗଠକ ଦୁର୍ଗାପ୍ରସାଦ ଦାସ ଆଜିର ବୈଠକରେ ଯୋଗଦେଇ ନଥିବାରୁ କିଛି ସମର୍ଥକ ପାଟିତୁଣ୍ଡ କରିଥିଲେ । ଜିଲ୍ଲାର ବହୁଚାଷୀ ଏହି ବୈଠକ ଯୋଗଦେଇ ପଦଯାତ୍ରାକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଥିଲା । ରାଜ୍ୟ ଯୁବଛାତ୍ର ସଂଗଠକ ମନଓ୍ୱାର ଅଲ୍ଲୀ, ଅଶୋକ ଶାନ୍ତି, ବସନ୍ତ ପରିଡା, ପ୍ରତାପ ଜେନା, ଲୋକନାଥ ପଲେଇ, କୁନ୍ତଳାଗୁରୁ ପ୍ରମୁଖ ଯୋଗଦେଇ ନିଜମତ ରଖିଥିଲେ ।

# ବ୍ରହ୍ମପୁରରେ ଟ୍ରାଫିକ ସମସ୍ୟା : ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ସହରରେ ଟ୍ରାଫିକ୍ ସମସ୍ୟା ମୁଣ୍ଡବିନ୍ଧାର କାରଣ ସାଜିଥିବା ବେଳେ ଏହାର ମୁକାବିଲା ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରାଯାଉଛି । କିନ୍ତୁ ପ୍ରକଳ୍ପଗୁଡ଼ିକର ନିର୍ମାଣରେ ବିଳମ୍ବ ଯୋଗୁଁ ସମସ୍ୟା କମିବା ବଦଳରେ ବଢ଼ିବାରେ ଲାଗିଛି । ସହର ବାହାରେ ରିଙ୍ଗ ରୋଡ୍ ନିର୍ମାଣ ପ୍ରକଳ୍ପ ବହୁ ବିଳମ୍ବରେ ଚାଲିଛି । ଧାର୍ଯ୍ୟ ସମୟ ଠାରୁ ପ୍ରାୟ ଦୁଇ ବର୍ଷ ବିଳମ୍ବରେ ଏହା ଚାଲିଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି । ସମୟ ଗଡ଼ି ଚାଲିଥିଲେ ମଧ୍ୟ କେବେ ପ୍ରକଳ୍ପ ଶେଷ ହେବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋଇପାରୁନାହିଁ । ଜାତୀୟ ରାଜପଥ ୧୬ କୁ ସଂଯୋଗ କରୁଥିବା ଅନ୍ୟ ଏକ ରାଜପଥ ୫୯ ବ୍ରହ୍ମପୁର ସହର ଭିତର ଦେଇ



ଯାଇଛି । ତେବେ ସହର ଭିତରେ ଭାରୀଯାନ ଚଳାଚଳ ଉପରେ କଟକଣା ରହିଥିବା ଯୋଗୁଁ ମାଲ୍ ପରିବହନ ପ୍ରଭାବିତ ହେଉଛି । ଏଭଳି ଏକ ସମସ୍ୟାର ସମାଧାନ ପାଇଁ ସହର ବାହାରେ ରିଙ୍ଗ ରୋଡ୍ର ପରିକଳ୍ପନା କରାଯାଇଥିଲା । ବିଶେଷ କରି ଏହି ପ୍ରକଳ୍ପରେ ରହିଥିଲା ରଘୁନାଥପୁର-ରନ୍ପୁର ବାଇପାସ୍ ନିର୍ମାଣ ଯୋଜନା । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ମାର୍ଚ୍ଚ ୩୧ ତାରିଖରେ ଏହି ପ୍ରକଳ୍ପ ଅନୁମୋଦନ ପାଇଥିଲା । ୧୯୬.୯୪ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ବାଇପାସ୍ ରାସ୍ତାର ଲମ୍ବ ଥିଲା ୧୩.୬୫ କିଲୋମିଟର । ପ୍ରକଳ୍ପକୁ ଅନୁମୋଦନ ମିଳିବା ପରେ ୨୦୨୨ ମାର୍ଚ୍ଚ ୩୦ ତାରିଖରେ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା । ୨୦୨୪ ମସିହା ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ବାଇପାସ୍ ରାସ୍ତା ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରହିଥିଲା । ହେଲେ ନିର୍ଦ୍ଧାରିତ ସମୟ ଅତିକ୍ରମ ହେବାର ପ୍ରାୟ ଦୁଇ ବର୍ଷ ହୋଇଗଲାଣି । କିନ୍ତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ । ଶେଷ ଥର ପାଇଁ ଗତ ଜାନୁଆରୀ ୩୧ ତାରିଖରେ ପ୍ରକଳ୍ପ ସମ୍ପର୍କରେ ବିଭାଗ ତରଫରୁ ରିପୋର୍ଟ ସଂଗ୍ରହ କରାଯାଇଥିଲା । ସେହି ସମୟ ସୁଦ୍ଧା ରଘୁନାଥପୁର-ରନ୍ପୁର ବାଇପାସ୍ ନିର୍ମାଣରେ ୬୭୩ ଦିନ ବିଳମ୍ବ ହୋଇଥିବା ଜଣାପଡ଼ିଥିଲା । ଅନ୍ୟପଟେ ପ୍ରକଳ୍ପ ବିଳମ୍ବ ହେଉଥିବାରୁ ପ୍ରକଳ୍ପ ମୂଲ୍ୟ ମଧ୍ୟ ବଢ଼ିଥିବା ସୂଚନା ମିଳିଛି । ବ୍ୟୟ ଅଟକଳରେ ଅଧିକ ୮.୨ କୋଟି ଟଙ୍କା ବୃଦ୍ଧି ହୋଇଛି । ଏଣୁ ଗୋଟିଏ ପଟେ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ଅନ୍ୟପଟେ ଏହାର ଖର୍ଚ୍ଚ ମଧ୍ୟ ବଢ଼ିବାରେ ଲାଗିଛି । ତେବେ ନିର୍ମାଣରେ ମନ୍ଥରତା ପଛରେ ଅନେକ ପ୍ରକାର କାରଣ ଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ପ୍ରକଳ୍ପ ଆରମ୍ଭ ବେଳେ ବିଭାଗ ତରଫରୁ ୨୦୨୧ ରେ ୧୯୬.୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୫୨ କୋଟି ଟଙ୍କାର କାମ ଟେଣ୍ଡର ହୋଇଥିଲା । ଠିକା ସଂସ୍ଥା ୧୦୭ କୋଟି ଟଙ୍କାରେ ରାସ୍ତା ନିର୍ମାଣର କାର୍ଯ୍ୟାଦେଶ ପାଇଥିଲା । ହେଲେ ନିର୍ମାଣ ସମୟରେ ମାଟି, ମୋରମ୍ ଅଭାବ, ଜମି ଅଧିଗ୍ରହଣରେ ପ୍ରତିବନ୍ଧକ, ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତରଣ, ଓଭରବ୍ରିଜ୍ ପାଇଁ ରେଳ ବିଭାଗର ଅନୁମତି ଆଦି ବିଭିନ୍ନ ସମସ୍ୟା କାରଣରୁ ପ୍ରକଳ୍ପ ବିଳମ୍ବ ହୋଇଛି । ରଘୁନାଥପୁର-ରନ୍ପୁର ବାଇପାସ୍ ନିର୍ମାଣ ବେଳେ ଦୁଇଟି ଛୋଟ ବ୍ରିଜ୍, ୧୭ଟି କଲ୍ଭର୍ଟ କାମ ସରିଛି । ଅନେକ ରାସ୍ତା ପିଚୁ ମଧ୍ୟ ପଡ଼ିଲାଣି । ନରେନ୍ଦ୍ରପୁର ଠାରେ ୪ ଲେନ୍ର ଗୋଟିଏ ରେଳ ଓଭରବ୍ରିଜ୍ ଏବଂ ଟାଟା କଲୋନୀ ନିକଟରେ ବ୍ରହ୍ମପୁର-ପୁରୁଷୋତମପୁର ରୋଡ୍ରେ ଗୋଟିଏ ଫ୍ଲାଏ ଓଭର କାମ ଜାରି ରହିଛି । ବାଇପାସ୍ କାର୍ଯ୍ୟକ୍ଷମ ହେବାକୁ ଆହୁରି ବର୍ଷାଧିକ ସମୟ ଲାଗିବ ବୋଲି ଅନୁମାନ କରାଯାଇଛି । ତେବେ ବ୍ରହ୍ମପୁର ରିଙ୍ଗ ରୋଡ୍ର ଅନ୍ୟ ପ୍ରକଳ୍ପ ବା ରନ୍ପୁର-ହଳଦିଆପଦର ରାସ୍ତାର ନିର୍ମାଣ ନିର୍ଦ୍ଧାରିତ ସମୟ ଭିତରେ ଚାଲିଛି । କିନ୍ତୁ ରଘୁନାଥପୁର-ରନ୍ପୁର ବାଇପାସ୍ ନିର୍ମାଣରେ ବିଳମ୍ବ ଦେଖିବାକୁ ମିଳୁଛି । ବର୍ତ୍ତମାନ ଗେଟ୍ବଜାର ଛକରେ ଫ୍ଲାଏଓଭର ନିର୍ମାଣ ଯୋଗୁଁ ସହରରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି । ଏଭଳି ସମୟରେ ରିଙ୍ଗ ରୋଡ୍ର ଆବଶ୍ୟକତା ରହିଛି । କିନ୍ତୁ ପ୍ରକଳ୍ପରେ ବିଳମ୍ବ ଯୋଗୁଁ ସହରର ଟ୍ରାଫିକ୍ ସମସ୍ୟା ଉତ୍କଟ ହେବାରେ ଲାଗିଛି ।

## ଭଦ୍ରକରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୦୫୦ ମାମଲାର ଆପୋଷ ସମାଧାନ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଜାତୀୟ ଆଇନସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ପ୍ରଭାତ କୁମାର ରାଜଗୁରୁ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରାପ୍ରାପ୍ତ ସଚିବ ଶିବାନୀ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୧୯୪୩୦୩୮୬ ଟଙ୍କାରେ ୧୦୫୦ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବୁନାଲର ବିଚାରାଧୀନ ଥିବା ୧୯ଟି ମାମଲାର ୧୪୪୩୦୦୦୦ ଟଙ୍କାରେ ୪୭ ଟି ଚେକ ବାଉନ୍ସ ପୁନଃରୁଦ୍ଧାର ମାମଲା ୫୦୦୦୩୮୬ ଟଙ୍କାରେ, ୧୭ଟି ବୈବାହିକ ବିବାଦ, ୫୬୮ଟି ରାଜସ୍ୱ ମୋକଦ୍ଦମା, ୬୩ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୨୦ ଟି ବ୍ୟାଙ୍କ ଋଣ ମାମଲା ୬୪୬୬୫୪୧ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୮ଟି ମାମଲା ୨୬୬୭୮ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୫୯୦ ଟି ମାମଲା ୯୮୮୯୭ ଟଙ୍କାରେ, ୩୦ଟି ବକେୟା ଟ୍ରାଫିକ ଚାଲାଣ ୧୪୦୩୮୦ ଟଙ୍କା ରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୬।୦୩।୨୦୨୬, ଚୈତ୍ର ଦି୨ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୫୬।୨୮ ଚନ୍ଦ୍ରୋଦୟ- ରାଘ ୪।୫୮।୪୬**
**ଦ୍ୱାଦଶୀ** - ଦିଘ ୯।୪୩ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର ଅହୋରାତ୍ର । **ମକର ଚନ୍ଦ୍ର-** ସଂଘ ୬।୧୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ସଂଘ ୬।୧୭ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ସଂଘ ୬।୧୭ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଓ ମସୁର ଡାଲି ଦିଘ ୯।୪୩ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୯ ଗତେ ଦିଘ ୭।୨୮ ମଧ୍ୟେ । ଦିଘ ୧୦।୪୫ ଗତେ ଦିଘ ୧।୦୮ ମଧ୍ୟେ ।
**ପର୍ବୋତ୍ସବ-** ସୋମ ପ୍ରଦୋଷ ବ୍ରତ, ରାଷ୍ଟ୍ରୀୟ ଟିକାକରଣ ଦିବସ ।



**ମେଷ:** କର୍ମକ୍ଷେତ୍ରରେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହେବ । ନୂତନ ଦ୍ରବ୍ୟ ଗୃହକୁ ଆଣିବେ । ଆୟର ପରିମାଣ ଅଧିକ ହେବ । ପାରିବାରିକ ଶାନ୍ତି ଲାଭ ହେବ ।



**ବୃଷ:** କର୍ମକ୍ଷେତ୍ରରେ ଉତ୍ସାହ ବଢିବ । ପଦ ମର୍ଯ୍ୟାଦା ବୃଦ୍ଧି ହେବ । ମାନସିକ କ୍ଷେତ୍ରରେ ପ୍ରଶଂସିତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଜଞ୍ଜାଳ ଦେଖାଦେବା ଦେବ ପୂଜା କରିବେ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** କାର୍ଯ୍ୟ ହାସଲର ସୁଯୋଗ ଲାଭ କରିବେ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ । ବ୍ୟବସାୟ ପାଇଁ ଦିନଟି ଅତି ଶୁଭ । ରୋଜଗାର ଭଲ ହେବ । ଗୃହେ ଶାନ୍ତି ବିରାଜମାନ କରିବ ।



**କର୍କଟ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ଶୁଭ କାର୍ଯ୍ୟରେ ଯୋଗ ଦେବେ । କାର୍ଯ୍ୟ ବ୍ୟସ୍ତତା ରହିବ । ଅଶାନ୍ତି ଅନୁଭବ କରିବେ । ଆୟ ସ୍ଥିର ରହିବ । ପାରିବାରିକ କଳହ ଓ ଅଶାନ୍ତି ଲାଗିରହିବ ।



**ସିଂହ:** ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନ କରିବେ । ମାନସିକ ଶାନ୍ତି ପ୍ରାପ୍ତ ହେବ । ଶୁଭ ସମ୍ବାଦ ପାଇ ଖୁସି ହେବେ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବ ନାହିଁ । ବ୍ୟବସାୟରେ ଲାଭ ହେବ । ଗୃହେ ଶାନ୍ତି ।



**କନ୍ୟା:** କର୍ମକ୍ଷେତ୍ରରେ ନୂତନ ଯୋଜନା ପ୍ରସ୍ତୁତ କରିବେ । ଭ୍ରମଣ ଯୋଗ ସହିତ ବନ୍ଧୁ ମିଳନ । ଦୁଶ୍ଚିନ୍ତା ବଢିବ । ଦୂରଯାତ୍ରାରୁ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ହେବ । ଗୃହେ ଶାନ୍ତି ପ୍ରତିଷ୍ଠା ହେବ ।



**ତୁଳା:** କର୍ମକ୍ଷେତ୍ରରେ ନିଜର ଦକ୍ଷତା ଅନୁଯାୟୀ ସମ୍ମାନିତ ହେବେ । ଆର୍ଥିକ ସ୍ଥିତି ମାନ୍ଦା ହେବ । ସୁସମ୍ବାଦ ପ୍ରାପ୍ତ ହେବ । ବ୍ୟସ୍ତତା ମଧ୍ୟରେ ରହିବେ । କିଛି କାର୍ଯ୍ୟ ସ୍ଥଗିତ ରହିବ । ବିବାଦୀୟ ପରିସ୍ଥିତି ଠାରୁ ଦୁରେଇ ରହିବା ଭଲ ।



**ବିଛା:** କେତେକ କ୍ଷେତ୍ରରେ ଭୂଲ ବୁଝାମଣାର ଶିକାର ହୋଇପାରନ୍ତି । ଅଧିକ ପରିଶ୍ରମ କରିବାକୁ ପଡିପାରେ । ଧୈର୍ଯ୍ୟ ହାନି ଘଟିବ । ଆର୍ଥିକ ସ୍ଥିତି ସୁଦୃଢ ହେବ । ପାରିବାରିକ ସୁଖ ଲାଭ ହେବ ।



**ଧନୁ:** ସାମାଜିକ ସ୍ତରରେ ସମ୍ମାନୀତ ହୋଇପାରନ୍ତି । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦିଅଁ ଦର୍ଶନର ସୁଯୋଗ । ଆୟରେ ଉନ୍ନତି ହେବ । ପରିବାରରେ ଆନନ୍ଦ ଲାଗି ରହିବ । ଦେହ ଭଲ ରହିବ ।



**ମକର:** ହଠାତ୍ କୌଣସି ଏକ ଶୁଭ ଖବର ପାଇ ଆନନ୍ଦିତ ହେବେ । ସତ୍ କାର୍ଯ୍ୟରେ ମନ ନିବେଶ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ସୁଖ,ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କର୍ମକ୍ଷେତ୍ରରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଗୃହେ ଖୁସିର ବାତାବରଣ ଦେଖାଦେବ ।



**ମୀନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ବଢିବ । ପରିବାରରେ ଅଶାନ୍ତି ଦେଖାଦେବ । ଯାହା ପାଇବାର ଆଶା ରଖିଛନ୍ତି ତାହା ବିଳମ୍ବରେ ପ୍ରାପ୍ତ ହେବ । ଅଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା ୧୭।୦୩।୨୦୨୬, ଚୈତ୍ର ଦି ୩ ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ୫।୫୬।୩୭ ଚନ୍ଦ୍ରୋଦୟ-ପ୍ରାଘ୫।୧୪।୫୧**
**ତ୍ରୟୋଦଶୀ-** ଦିଘ୯।୨୫ପର୍ଯ୍ୟନ୍ତ । ମଳ ଧନିଷ୍ଠାନକ୍ଷତ୍ର ପ୍ରାଘ୬।୨୫ପର୍ଯ୍ୟନ୍ତ **କୁମ୍ଭଚନ୍ଦ୍ର-ଅହୋରାତ୍ର । ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ,ସିଂହ,କନ୍ୟା,ବିଛା,ଧନୁ,କୁମ୍ଭ, ରାଶିର **ଘାତ ଚନ୍ଦ୍ର-**ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-**ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-**ବାଇଗଣ ଦିଘ୯।୨୫ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୫୮ ଗତେ ଦିଘ ୧୦।୪୫ ମଧ୍ୟେ ଦିଘ୧।୦୬ଗତେ ଦିଘ୧।୨୫ ମଧ୍ୟେ । ପର୍ବୋତ୍ସବ-ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା,ବାରୁଣୀ ସ୍ନାନ,ପବିତ୍ର ମଙ୍ଗଳବାର ଓଷା ଦ୍ୱିତୀୟ ପାଳି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭିସା ପାଇଁ ଷଡ଼ଯନ୍ତ୍ର

ଆମେରିକାରେ ଗ୍ରୀନ୍ କାର୍ଡ ହାସଲ କରିବା ପାଇଁ ଏକ ଅଜବ ତଥା ସାଂଘାତିକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି । ଭିସା ଜାଲିଆତି ଅଭିଯୋଗରେ ୧୧ ଜଣ ଭାରତୀୟ ନାଗରିକଙ୍କ ବିରୋଧରେ ଆମେରିକା ପୁଲିସ ମାମଲା ରୁଜୁ କରିଛି । ନିଜକୁ ଅପରାଧର ଶିକାର ବୋଲି ଦର୍ଶାଇ ଆମେରିକାରେ ସ୍ଥାୟୀ ବାସିନ୍ଦା ହେବା ପାଇଁ ଏମାନେ ବିଭିନ୍ନ କ୍ଷେତ୍ରରେ 'ନକଲି ସଶସ୍ତ୍ର ଲୁଟ୍'ର ନାଟକ ରଚିଥିଲେ । ଆମେରିକା ନ୍ୟାୟ ବିଭାଗର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାସାଚୁସେଟ୍ସ, କେଣ୍ଟକି ଏବଂ ଓହିଓ ଭଳି ରାଜ୍ୟରେ ବେଆଇନ ଭାବେ ରହୁଥିଲେ । ଗ୍ରୀନ୍ କାର୍ଡ ପାଇବା ପାଇଁ ସେମାନେ ଏକ 'ଫେକ୍ ରବରି' ବା ନକଲି ଡକାୟତିର ଯୋଜନା କରିଥିଲେ । ଅଭିଯୁକ୍ତମାନେ ଜଣେ ବନ୍ଧୁକଧାରୀଙ୍କୁ ଭଡ଼ାରେ ଆଣି ଦୋକାନରେ ଲୁଟ୍ କରିବାକୁ କହୁଥିଲେ । ସିସିଟିଭି କ୍ୟାମେରାରେ ଏହି ଲୁଟର ଦୃଶ୍ୟ କଏଦ ହୋଇଥିଲା, ଯେମିତି କି ପୁଲିସ ନିକଟରେ ସେମାନେ ନିଜକୁ ପୀଡ଼ିତ ବୋଲି ପ୍ରମାଣିତ କରିପାରିବେ । ଆମେରିକାରେ 'ୟୁ-ଭିସା' ପାଇବା ପାଇଁ ଏହି ନାଟକ ରଚାଯାଇଥିଲା । ଏହି ଭିସା ସେହିମାନଙ୍କୁ ମିଳିଥାଏ, ଯେଉଁମାନେ କୌଣସି ଗୁରୁତର ଅପରାଧର ଶିକାର ହୋଇଥାନ୍ତି ଏବଂ ତଦନ୍ତରେ ପୁଲିସକୁ ସାହାଯ୍ୟ କରିଥାନ୍ତି । ଏହି ଭିସା ମିଳିଗଲେ ଗ୍ରୀନ୍ କାର୍ଡ ପାଇବା ସହଜ ହୋଇଯାଏ । ଅଭିଯୁକ୍ତମାନଙ୍କ ମଧ୍ୟରେ ଜିତେନ୍ଦ୍ର କୁମାର ପଟେଲ, ମହେଶ କୁମାର ପଟେଲ, ସଞ୍ଜୟ କୁମାର ପଟେଲ, ରମେଶ ଭାଇ ପଟେଲ, ରୋନକ କୁମାର ପଟେଲଙ୍କ ସମେତ ୧୧ ଜଣ ସାମିଲ ଅଛନ୍ତି । ସେମାନଙ୍କ ମଧ୍ୟରୁ ଦୀପିକାବେନ ପଟେଲଙ୍କୁ ପୂର୍ବରୁ ହିଁ ଭାରତ ପଠାଇ ଦିଆଯାଇଛି । ବାକି ଅଭିଯୁକ୍ତମାନଙ୍କୁ ଆମେରିକାର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଛି । ଯଦି ଏହି ବ୍ୟକ୍ତିମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ସର୍ବାଧିକ ୫ ବର୍ଷର ଜେଲ୍ ଦଣ୍ଡାଦେଶ ହୋଇପାରେ । ଏଥିସହ ୨.୫ ଲକ୍ଷ ଡଲାର ପର୍ଯ୍ୟନ୍ତ ଜରିମାନା ମଧ୍ୟ ଦେବାକୁ ପଡ଼ିପାରେ । ସମସ୍ତଙ୍କୁ ଜେଲରୁ ମୁକୁଳିବା ପରେ ୩ ବର୍ଷ ପର୍ଯ୍ୟନ୍ତ କଡ଼ା ନଜରରେ ରଖାଯିବ । ଏହି ଘଟଣାର ମୁଖ୍ୟ ସୂତ୍ରଧର 'ରାମଭାଇ' ଏବଂ ନକଲି ଲୁଟେରାଙ୍କୁ ପୂର୍ବରୁ ହିଁ ଦୋଷୀ ସାବ୍ୟସ୍ତ କରାଯାଇସାରିଛି । ଆମେରିକା ପ୍ରଶାସନ ଏହି ଭିସା ଜାଲିଆତିକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ।

# ତାପମାତ୍ରା ବୃଦ୍ଧିର ଚେତାବନୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ । କେବଳ ଏତିକି ନୁହେଁ, ଆଗକୁ ପରିସ୍ଥିତି କଣ ହେବ, ତାହାର ଏହା ଏକ ପ୍ରାକ୍ ସୂଚନା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ । ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଂଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଁଚି ସାରିଲାଣି । ସୂଚନାଯୋଗ୍ୟ ଯେ, ଗତବର୍ଷ ଝାରସୁଗୁଡାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି ଥିଲା । ଗ୍ରୀଷ୍ମ ଅବଧିରେ ଝାରସୁଗୁଡାର ଦୈନିକ ତାପମାତ୍ରା ହାରାହାରୀ ୪୨ଡିଗ୍ରୀ ଉପରେ ରହିଥିଲା । ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୧୯୮୦ ପରଠାରୁ ଦେଶରେ ହିଟୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତାଠାରୁ ଅଧିକ ହୋଇଛି । ସେହିପରି ଦେଶରେ ଅସହ୍ୟ ହିଟୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦୃତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନ ସଂକେତ ପ୍ରଦାନ କରେ । କହିବା ବାହୁଲ୍ୟ ଯେ, ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି । ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ । ଏଭଳି ଜଳବାୟୁ ପରିବର୍ତ୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି । କେବଳ ଜୀବନ, ଜୀବିକା ନୁହେଁ, ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି । ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ବୋଧହୁଏ କେହି ଏହା ପାଶୋରୀ ନଥିବେ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । କହିବା ବାହୁଲ୍ୟ ଯେ, ଜଳବାୟୁ ପରିବର୍ତ୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ । ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ । ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ କେବଳ ଖାଦ୍ୟ ସଂକଟ ନୁହେଁ, ଉତ୍କଟ ପାନୀୟ ଜଳ ସଂକଟକୁ ମଧ୍ୟ ଏଡାଇ ଦିଆଯାଇନପାରେ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳ ଠାରୁ ଆରମ୍ଭ କରି ଦୁର୍ଗମ ପାହାଡିଆ ଅଞ୍ଚଳ ସବୁଠାରେ ଉତ୍କଟ ପାନୀୟ ଜଳ ସଂକଟର ଧ୍ୱନୀ ଶୁଣାଯାଏ । କୁଅ ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଯାହାକି ଏବେ ଚିନ୍ତାର କାରଣ । ସେହିପରି ବିଦ୍ୟୁତ ସଂକଟ ମଧ୍ୟ ଦେଖାଯାଏ । ବିଦ୍ୟୁତ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ । ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା । ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ଜ୍ୱଳିତ କରିବା ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ ହୋଇନପାରେ । ତେଣୁ ବେଳହୁଁ ସାବଧାନ ନହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନକଲେ, ଧ୍ୱଂସ ହିଁ ସାର ହେବ ।

# ଅଧଶହ ବର୍ଷର ଓଡ଼ିଶା ଓ ଗୋଦାବରୀଶ ମିଶ୍ର (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା – ୭୫୪୨୧୩
ମୋ: ୯୪୩୭୦୮୮୦୩୯

୧୮୮୬ ମସିହା । ସେଇବର୍ଷ ଜନ୍ମଗ୍ରହଣ କଲେ ଉତ୍କଳ ଜନନୀଙ୍କ ବରପୁତ୍ର ଗୋଦାବରୀଶ ମିଶ୍ର । ତାଙ୍କ ଗାଁ ବାଣପୁର, ଚିଲିକା ହ୍ରଦ କୂଳରେ । ୧୯୩୬ ମସିହା । ଗଠିତ ହେଲା ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ୧୮୮୬ରୁ ୧୯୩୬, ମୋଟ୍ ଅଧଶହ ବର୍ଷ । ଏଇ କାଳଖଣ୍ଡ ମଧ୍ୟରେ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ଭାଷାସୁରକ୍ଷା ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସର୍ବୋପରି ଜାତୀୟ ମୁକ୍ତି ସଂଗ୍ରାମରେ ଗୋଦାବରୀଶଙ୍କ ଉଲ୍ଲେଖନୀୟ ଅବଦାନ ଚିର ସ୍ମରଣୀୟ । ତ୍ୟାଗ, ଦେଶସେବା, ଜାତୀୟତାବାଦ – ପ୍ରତିଟି କ୍ଷେତ୍ରରେ ସେ ଅମାପ ଯଶଖ୍ୟାତି ଅର୍ଜନ କରିଛନ୍ତି । ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଠାରେ ସତ୍ୟବାଦୀ ବନବିଦ୍ୟାଳୟ । ଏହି ଶିକ୍ଷାନୁଷ୍ଠାନରେ ଋଷି ପ୍ରତିମ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ରଙ୍କ ପରି ଗୋଦାବରୀଶଙ୍କ ସଂସ୍କାରବାଦୀ ଚିନ୍ତନ, ଦେଶସେବୀ ଆଦର୍ଶବୋଧ, ମାତୃଭାଷା ପ୍ରୀତି ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ରହିଛି । ଆପଣାର ଜୀବନାନୁଭୂତି, ତତ୍କାଳୀନ ସାମାଜିକ ସ୍ଥିତି, ରାଜନୀତିକ ପରିବେଶ, ଜାତୀୟତାବାଦୀ ଅବହାୱା – ଏ ସବୁକୁ ପୁଞ୍ଜିକରି ସେ ରଚନା କରିଛନ୍ତି, "ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ।" ଏହି ଆତ୍ମଚରିତଟି ଓଡ଼ିଆ ବାଣୀ ଭଣ୍ଡାରର ଅମୂଲ୍ୟ ସମ୍ପଦ, ଏକ ନିର୍ଭୁଲ ସାମାଜିକ ସନନ୍ଦ, ଐତିହାସିକ ଦଲିଲ ମଧ୍ୟ । ପାଠକଟିଏ ତନ୍ମଧ୍ୟରେ ଦେଖିବାକୁ ପାଏ ଅଧଶହ ବର୍ଷର ଓଡ଼ିଶାକୁ । ଲେଖକ ୧୯୩୬ ମସିହା ପରର ଘଟଣାକୁ ଦ୍ୱିତୀୟ ଭାଗରେ ଲେଖିବାକୁ ମନ ବଳେଇଥିଲେ, ଏହାର ବିଭାଗୀକରଣ ମଧ୍ୟ କଲେ । ମାତ୍ର ତାହା ରହିଗଲା ଅଲିଖିତ । ଖାଲି ସେତିକି ନୁହେଁ ଅର୍ଦ୍ଧଶତାବ୍ଦୀର ଓଡ଼ିଶାରେ ୩୪ଟି ଶିରୋନାମା ସ୍ଥାନିତ । ଲେଖକ ଏହାର କ୍ରମ ସଂଖ୍ୟା ୪୫ ଯାଏ ସ୍ଥିର କରିଥିଲେ, ତାହା ମଧ୍ୟ ଲେଖା ସମ୍ଭବ ହେଲାନି । ଏହା ସତ୍ତ୍ୱେ ଆତ୍ମଚରିତଟି ଅତୀବ ଉଚ୍ଚକୋଟୀର – ଏହା ନିଃସନ୍ଦେହ ।

'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'କୁ ଲେଖକ ଆତ୍ମଚରିତ ସ୍ୱୀକୃତି ଦେବାକୁ କୁଣ୍ଠାପ୍ରକାଶ କରିଛନ୍ତି, ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି । ତାଙ୍କରି ଭାଷାରେ କହିଲେ, "ମୁଁ ଆତ୍ମଜୀବନୀ ଲେଖିଥିଲେ ମୋ ନିଜ ବ୍ୟକ୍ତିଗତ କଥା ଗୁଡ଼ାଏ ପ୍ରକାଶ କରିବାର ଦାୟିତ୍ୱ ଯେତିକି ବଢ଼ନ୍ତା, ଅନ୍ୟ କାହାରି ବ୍ୟକ୍ତିଗତ କଥା ଦୂରରେ ଥାଉ, ସାଧାରଣ ବିଷୟମାନ ପ୍ରକାଶ କରିବା ନିମନ୍ତେ ସେତିକି ଅବକାଶ ମିଳନ୍ତା; ମାତ୍ର ମୋ ଜୀବନକୁ ଗୋଟିଏ ଆତ୍ମଜୀବନୀ ମଣୁନାହିଁ । ମୋ ଜଣାଶୁଣା କେତେକ ବ୍ୟକ୍ତିଙ୍କର ଏବେର ଆତ୍ମଜୀବନୀକୁ ପଢ଼ି ମୁଁ ମନେ କରୁଛି ଯେ, ଆତ୍ମଜୀବନୀ ଲେଖିବାକୁ ଯିବା କାହାରି ପକ୍ଷେ ସମୀଚୀନ ନୁହେଁ ।" ଆତ୍ମଚରିତ ଅନିସନ୍ଧିତ୍ସୁ ଐତିହାସିକ ତଥା ଜୀବନୀ ଲେଖକଙ୍କୁ ଭ୍ରମରେ ପକାଏ । ଜୀବନ ଚରିତରେ ତ କିଛି କିଛି ମିଛ ଥାଏ, ଆତ୍ମଚରିତରେ ଏହାର ମାତ୍ରାଧିକ । ଏ ପ୍ରକାର ମତ ଦେଇଛନ୍ତି ପ୍ରଖ୍ୟାତ ଅଧ୍ୟାପକ କେ.ଟି. ସାହୁ । କିଏ କ'ଣ – ଏମିତି କେତେ ଲେଖା ଯାଇଛି । ପାଞ୍ଚ ପଚିଶ ଦେଇ କେହି କେହି ନିଜ ସପକ୍ଷରେ ସତମିଛ ଲେଖେଇ ଦେଉଛନ୍ତି । ଏଇଠି ଉଦାହରଣଟିଏ ଦିଆଯାଇପାରେ । କଳାର ଆଧାର କବିତା, ସ୍ଥାପତ୍ୟ । ସେଠି କବି, ସ୍ଥପତି ଗୌଣ । ଏମାନେ ମରଣଶୀଳ, କାଳକୋଳରେ ବିଲୀନ ହେବାକୁ ବାଧ୍ୟ; ମାତ୍ର କଳା, ସ୍ଥାପତ୍ୟ, ଚିର ଭାସ୍ୱର । ଏଇଥିପାଇଁ ଭାରତର ମହାନ ଶାସ୍ତ୍ର ବେଦ ଅପୌରୁଷେୟ । ଯଦି ଏହାର ରଚକର ନାଁ ଥାଆନ୍ତା, ତାହା ସେତେ ପ୍ରଭାବଶାଳୀ ହୋଇନଥାନ୍ତା । ଜର୍ଜ ବର୍ଣ୍ଣାଡ଼ ଶ, କେତେ କେତେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମାନବ ସମାଜକୁ ଦେଇଛନ୍ତି; ମାତ୍ର ଲୋକେ ତାଙ୍କୁ ଯଥା ଶୀଘ୍ର ପାସୋରିଲେ ସେ ଖୁସି ହେବେ, ତା' ପରେ ତାଙ୍କ କୃତିମାନ ଅପୌରୁଷେୟ ହୋଇ ପୃଥିବୀର ବାୟୁମଣ୍ଡଳରେ ଘୁରିବୁଲିବ, ଲୋକେ ତାଙ୍କୁ ଯେତିକି ଭୁଲିବେ, ତାଙ୍କ ଲେଖାର ଗୁରୁତ୍ୱ ଅଧିକ ହେବ ବୋଲି ବର୍ଣ୍ଣାଡ଼ ଶ କହିଥିଲେ । ନିଶାଳି ନିଶାପାନର ମନ୍ଦଗୁଣରେ ଭୁକ୍ତଭୋଗୀ । ସେଇ କଥା ତା' ମୁଖରୁ ବାଣୀ ହୋଇ ବାହାରିଲେ ତାହା ବିଶେଷ ପ୍ରଭାବଶାଳୀ ହୋଇପାରିବନି । ଠିକ୍ ସେମିତି ଆତ୍ମଚରିତ ଲେଖକ ନିଜେ କହିଲେ ତାହା ଯେତିକି ଗ୍ରହଣଯୋଗ୍ୟ ହୁଏ, ତା' ଠାରୁ ଅଧିକ ଆଦର ପାଏ ଜୀବନ ଚରିତ । ଏସବୁର ଊର୍ଦ୍ଧ୍ୱରେ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'ର ସ୍ୱତନ୍ତ୍ର ମୂଲ୍ୟବୋଧ ରହିଛି । କହିବା ବାହୂଲ୍ୟ ଯେ, ସ୍ରଷ୍ଟାଙ୍କ ଅବର୍ତ୍ତମାନରେ ଏହାର ମାନ, ମର୍ଯ୍ୟାଦା ବହୁ ଭାବରେ ପରିବର୍ଦ୍ଧିତ ହୋଇଛି ।

ଗୋଦାବରୀଶଙ୍କ ପିତା ଜଣେ ନୈଷ୍ଠିକ ବ୍ରାହ୍ମଣ, ପଣ୍ଡିତ ମଧ୍ୟ । ପରିବାରଟି ଦାରିଦ୍ର୍ୟର ତାଡ଼ନାରେ ସଦା ପୀଡ଼ିତ ହେଲେ ବି ସତ୍ୟ, ନିଷ୍ଠା, ସଦାଚାର କିଛି ଊଣା ନଥିଲା । 'ନ ମିଥ୍ୟା ପାତକଂ ପରମ୍' – ଏଇ କଥାଟି ଗୋଦାବରୀଶଙ୍କୁ ତାଙ୍କ ପିତା ଶିକ୍ଷା ଦେଇଥିଲେ । ସେ ପୁଣ୍ୟ ଶ୍ଳୋକ ଗୋପବନ୍ଧୁଙ୍କ ଠାରୁ ସତ୍ୟ, ନ୍ୟାୟ, ତ୍ୟାଗ, ମିତବ୍ୟୟିତା ଆଦି ସଦ୍‌ଗୁଣାବଳୀ ଶିକ୍ଷାକଲେ, କାର୍ଯ୍ୟରେ ଲଗାଇଲେ ବି । ସଦାଚାରୀ ଗୋଦାବରୀଶ ଯାହା ଲେଖିବେ ସତ୍ୟ ଲେଖିବେ, ବ୍ୟକ୍ତିଗତ ବିଷୟ ଯଥା ପଶୁବୃତ୍ତି, ହୀନ ପ୍ରବୃତ୍ତି ଯାହା ଥାଉ, ତାହାକୁ ପୁସ୍ତକରେ ସ୍ଥାନ ଦେବେ ନାହିଁ; କାରଣ ଏହା କାହାରି ଉପକାରରେ ଆସିବ ନାହିଁ । ସାଧାରଣ ଜୀବନରେ, ଲୋକସେବକ ଭାବରେ ଯାହା ଯାହା ସ୍ଖଳନ, ଦୈନ୍ୟ, ଦୁର୍ଗତି, ଅଧୋଗତି, ଅବନତି – ଏଥି ମଧ୍ୟରୁ ଉଲ୍ଲେଖଯୋଗ୍ୟ ବିଷୟମାନ ପୁସ୍ତକରେ ସ୍ଥାନିତ ହେବ –ଏଇ ସବୁ କଥାକୁ ଲେଖକ କହିଛନ୍ତି । ସତ୍ୟ ପାଠ ମଧ୍ୟ କରିଛନ୍ତି, "ମୁଁ ନିୟମ କରି କହୁଛି, ଯାହା କହିବି ସବୁ ସତ କହିବି, କିଛି ମିଛ କହିବି ନାହିଁ ଓ ଅତ୍ୟନ୍ତ ବ୍ୟକ୍ତିଗତ ବିଷୟ ବ୍ୟତୀତ କିଛି ଲୁଚାଇବି ନାହିଁ ମଧ୍ୟ ।" ଲେଖକ ଯାହା ଠିକ୍ ବୋଲି ବିବେଚନା କରିଛନ୍ତି, ଯାହା ସତ୍ୟ ଉପରେ ଆଧାରିତ, ସରକାରୀ ନଥିପତ୍ରରେ ସ୍ୱୀକୃତ, ତାହା ହିଁ ଲେଖିଛନ୍ତି ପୁସ୍ତକଟିରେ । ଅସତ୍ୟ ଲେଖିବା ଅନ୍ୟାୟ ହେବ, ସତ୍ୟର ଗୋପନ ଅସଙ୍ଗତ – ଏ ଦୁଇଟି ବିଷୟ ଉପରେ ବି ଗୁରୁତ୍ୱ ଦେଇଛନ୍ତି । ଏଣୁ ସର୍ବାନ୍ତକରଣରେ ଆତ୍ମଲିପିଟିରେ ସମକାଳୀନ ଓଡ଼ିଶାର ଚିତ୍ରାୟନ ଘଟିଛି କହିବାରେ ଦ୍ୱିଧା ନାହିଁ ।

୧୮୮୪ ବା ୧୮୮୫ ମସିହା । ଗୋଦାବରୀ ସ୍ନାନ ଯୋଗ ପଡ଼ିଥିଲା । ଏହି ଦିନ ତାଙ୍କ ଜନ୍ମ । ତେଣୁ ତାଙ୍କର ନାମ ଗୋଦାବରୀ ଦିଆଗଲା । ଗୋଦାବରୀଶଙ୍କ ଜନ୍ମକୁଣ୍ଡଳୀ ନଥିଲା । ତାଙ୍କୁ ସେତେବେଳେ ୧୮ ବର୍ଷ, ସେ ନିଜ ଜାତକଟିକୁ ଚିରି ଫିଙ୍ଗି ଦେଇଥିଲେ । ପ୍ରବେଶିକା ପରୀକ୍ଷାରେ କର୍ତ୍ତୃପକ୍ଷଙ୍କୁ ନିଜ ଜନ୍ମ ୧୮୮୬ ବୋଲି ହିସାବ କରି କହିଥିଲେ, ତାହା ଲିପିବଦ୍ଧ ହେଲା । ସେ ସମୟରେ ଉପାଧିଟାଏ ପାଇଁ ଭାରି ପ୍ରତିଯୋଗିତା ଚାଲିଥିଲା । ଅନେକ ନିଜର ସଂଜ୍ଞା ପରିବର୍ତ୍ତନ ପାଇଁ ଗୌରବର ବିଷୟ ମଣିଲେ । ଏ ଦିଗରେ ବିଲାତି ଶାସକଙ୍କର ପ୍ରୋତ୍ସାହନ କିଛି କମ୍ ନଥିଲା । ଗୋଦାବରୀଶଙ୍କୁ ମଧ୍ୟ ଉପାଧି ନିଶା ଘାରିଲା । ତାଙ୍କ ପିଲା ବେଳର କଥା । ସ୍ୱର୍ଗତଃ ରାଏ ବାହାଦୂର ଋଷିପ୍ରାଣ ମଧୁସୂଦନ ରାଓ ତାଙ୍କ ବାଳିକା ନାମ (ଗୋଦାବରୀ)କୁ ବଦଳାଇ ବାଳକୋଚିତ କଲେ । ଏଣିକି ଗୋଦାବରୀ ହେଲେ ଗୋଦାବରୀଶ । ନାମବାଚକ ଶବ୍ଦର ଲିଙ୍ଗରେ ପରିବର୍ତ୍ତନ ଘଟିଲେ ବ୍ୟକ୍ତିର ସ୍ୱଭାବରେ କିଛି ପରିବର୍ତ୍ତନ ହୁଏନି, ତାହା ଲେଖକଙ୍କୁ ଅଜଣା ନଥିଲା । ସେ ସମୟରେ ଅନେକ ପୁରୁଷନାମ ଡାକରେ ସ୍ତ୍ରୀଲିଙ୍ଗ ରୂପ ଧରିଥିଲା, ଯେମିତି ଲକ୍ଷ୍ମୀକାନ୍ତ, ରମାବଲ୍ଲଭ, ନାଗରୀ ମୋହନ, ଗୌରୀକୁମାର, ରୀତିକାନ୍ତ ଇତ୍ୟାଦି । ଏହା ଡାକ ନାମକୁ ଶ୍ରୁତିମଧୁର କରେ ସିନା, ନାମଧାରୀଙ୍କର ଚାରିତ୍ରିକ ପରିବର୍ତ୍ତନରେ ସହାୟକ ହୋଇପାରେନା । ସମାଜରେ ସଂଜ୍ଞା ପରିବର୍ତ୍ତନ ଗୋଟେ ଫେସନ୍‌ରେ ପରିଣତ ହେଲା । ଏ ସମ୍ପର୍କରେ ଲେଖକ କେତୋଟି ଉଦାହରଣ ଦେଇଛନ୍ତି । ଜଣେ ଜେନାଙ୍କ ପୁଅର ସସଜ୍ଞା ହେଲା 'ନରେନ୍ଦ୍ର ସିଂହ', ତାଙ୍କ ପୁଅ ହେଲା 'ବୀରବର ଅରିନ୍ଦମନ ଗୁମାନ ସିଂହ' । ପରଶୁରାମ ବାବୁ ମହାନ୍ତି ସସଜ୍ଞାରେ ମାଇନର ପାଶ୍ କଲେ, ପ୍ରବେଶିକାରେ ପରଶୁରାମ ପଟ୍ଟନାୟକ, ଆଇ.ଏ. ପରୀକ୍ଷାରେ ପରଶୁରାମ ପଟ୍ଟନାୟକ ସାମନ୍ତ ବର୍ମା, ବି.ଟି.ରେ ପରଶୁରାମ ବର୍ମା ନାମରେ ପାଶ୍ କଲେ । ଏମାନେ ଥିଲେ ଲେଖକଙ୍କ ବନ୍ଧୁ । ଏତାଦୃଶ ଆହୁରି ଅନେକ ସସଜ୍ଞା ପରିବର୍ତ୍ତନ କଲେ । ଗୋଦାବରୀଶଙ୍କ ବାପା, ତାଙ୍କ ବାପାଙ୍କ ଗୋସେଇଁ ବାପା ରଘୁନାଥ ମିଶ୍ର ଜଣେ ଜଣେ ଖ୍ୟାତନାମା ପଣ୍ଡିତ । ତାଙ୍କ ଅଣ ଗୋସେଇଁ ବାପା ଜଗନ୍ନାଥ ମିଶ୍ର କୁଆଡ଼େ ଜଣେ ଅତି ଜଣାଶୁଣା ପଣ୍ଡିତ । ଶେଷରେ ଗୋଦାବରୀଶଙ୍କ ନାଁ ପୂର୍ବରୁ ପଣ୍ଡିତ ଉପାଧି ଲାଗିଗଲା । ଏଣିକି ସେ ପଣ୍ଡିତ ଗୋଦାବରୀଶ ମିଶ୍ର । ପଣ୍ଡିତ ଶବ୍ଦ ନେହେରୁଙ୍କ ନାମ ପୂର୍ବରୁ ମଧ୍ୟ ଥିଲା । ସେ ଶବ୍ଦଟି ତାଙ୍କ ଇଚ୍ଛା ବିରୁଦ୍ଧରେ କଟିଗଲା । ଗୋଦାବରୀଶ ପଣ୍ଡିତ ଉପାଧିକୁ ଯାବୋଡ଼ି ଧରିଲେ । ହେଲେ ସତ କଥାଟିଏ ଲେଖିଲେ । ପାଣ୍ଡିତ୍ୟ ପେଟରେ ଥିଲେ ଉପାଧି ଲାଳସା ଆସନ୍ତା ନାହିଁ । ଏ କଥାକୁ ବୁଝୁଥିଲେ ଖୁବ୍ କମ୍ ଲୋକ । ଭଲଘର, ସୁନ୍ଦର ପୋଷାକ ଲୋଡ଼ିଲା ପରି ଅନେକ ଉପାଧି ଲୋଡ଼ିଲେ । ଉପାଧିଟା ଯେବେ, ଯେମନ୍ତ ପ୍ରକାର ଆସୁପଛେ, ତାହା ବ୍ୟକ୍ତିବିଶେଷଙ୍କ ଠାରେ ଅଚ୍ଛେଦ୍ୟ ହୋଇ ରହିଗଲା । ଉପାଧି ସମ୍ବୋଧନ ପୂର୍ବକ କଥାବାର୍ତ୍ତା ନକଲେ ଅନେକ ଏହାକୁ ଅମର୍ଯ୍ୟାଦା ମଣିଲେ । କେହି କେହି ସହରୀବାବୁ ମଫସଲୀ ଲୋକଙ୍କ ଠାରୁ ଆପଣ ବଦଳରେ 'ତୁମେ' ସର୍ବନାମ ବ୍ୟବହାରରେ ବହୁ ବିରକ୍ତି ପ୍ରକାଶ କଲେ । ଉପାଧିଟା ଗୋଟାଏ ଭୂଷଣ ହୋଇଗଲା । ଖାଣ୍ଟି ସୁନା ଅଳଙ୍କାର ପିନ୍ଧି ନପାରିବା ଗରିବ ଲୋକଙ୍କ ନିମନ୍ତେ ନକଲି ଗହଣା ବଜାରରେ ସୃଷ୍ଟି । ଇଂରେଜ ସରକାର ବି ଲୋକ ଦେଖି ନିଜ ପକ୍ଷକୁ ଟାଣିବା ପାଇଁ ଉପାୟମାନ ଖଞ୍ଜିଲେ । ସାନବଡ଼ ଉପାଧି ମଉକା ଦେଖି ବାଣ୍ଟି ଚାଲିଲେ । ଉପାଧି ମୋହରୁ କେତେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ବାଦ୍ ଯାଇନଥିଲେ । ଗୋବିନ୍ଦ ବଲ୍ଲଭ ଦାସ ସ୍ୱନାମଧନ୍ୟ ମଧୁସୂଦନ ଦାସରେ ପରିଣତ ହେଲେ । ନିଜେ ଭକ୍ତକବି ମଧୁସୂଦନଙ୍କର 'ସିଂହ' ସଂଜ୍ଞା 'ରାଓ'ରେ ପରିଣତ ହୋଇଥିଲା । ନାମ ସହ କାର୍ଯ୍ୟର କୌଣସି ସମ୍ପର୍କ ନଥାଏ, ଅନ୍ଧର ନାମ ପଦ୍ମଲୋଚନ, ଅସୁନ୍ଦର ପିଲାକୁ ପୂର୍ଣ୍ଣଚନ୍ଦ୍ର, ଅସୁନ୍ଦରୀକୁ ଚନ୍ଦ୍ରାନନୀ ଡାକିଲେ, ରୂପ ବଦଳି ଯାଏନା । ସେହିପରି ନାମକୁ ନେଇ ଚକ୍ଷୁହୀନ ଜ୍ୟୋତିଷ୍ମାନ ଅବା କୃଷ୍ଣକାୟ ଗୌରବର୍ଣ୍ଣ ହୋଇଯାଆନ୍ତିନି । ଉପାଧି ରୂପକ ମହାବ୍ୟାଧି ପ୍ରାକ୍ ସ୍ୱାଧୀନତା କାଳରେ ଥିଲା । ସ୍ୱାଧୀନତା ପରେ କ୍ରମେ ହ୍ରାସ ପାଇଲା; କିନ୍ତୁ ଶାସନ ଗାଦିରେ ବସିଥିବା ଜନନାୟକମାନେ ବିଶ୍ୱବିଦ୍ୟାଳୟରୁ ମାଗଣା ଛାପ ନେବାକୁ ଧାଇଁବା ଦେଖାଗଲା । ଏଭଳି ଏକ ସତ୍ୟକୁ ଗୋଦାବରୀଶ ଲେଖିବାରେ କୁଣ୍ଠା ପ୍ରକାଶ କରିନାହାନ୍ତି ।

ପ୍ରାକ୍ ସ୍ୱାଧୀନତା କାଳରେ ଇଂରାଜୀ ପଢୁଆ ବାବୁମାନେ ସହରୀ ହୋଇଗଲେ, ମଫସଲବାସୀଙ୍କୁ ହୀନ ଚକ୍ଷୁରେ ଦେଖିଲେ । ପାଣ୍ଡିତ୍ୟ ନଥାଇ ପଣ୍ଡିତ ହେଲେ, ସାଧାରଣଙ୍କ ଜନତାଙ୍କୁ ଭଣ୍ଡେଇଲେ । ଜ୍ଞାନଶୂନ୍ୟ ସହରୀବାବୁଙ୍କ ଚକ୍ରାନ୍ତରେ ନିଜେ ଗୋଦାବରୀଶ ଅନେକ ବାର ଶିକାର ହୋଇଛନ୍ତି ଜଣେ ମଫସଲିଆ ବୋଲି । ସଂସାରଟାରେ ମନୁଷ୍ୟ ବୁଦ୍ଧିରେ ଗୋଟାଏ ପ୍ରକାଣ୍ଡ ଛକାପଞ୍ଝା ଖେଳ ଚାଲିଛି । ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ – ଏ ପ୍ରକାର ପ୍ରବାଦ ଅଛି । ଘଡ଼ିରୁ ଘିଅ କାଢ଼ିବା ଲୋକେ ତା'ର ସତ୍ୟାସତ୍ୟ ବୁଝନ୍ତି । ସଂସାର କ୍ଷେତ୍ରରେ ଘାତ ପ୍ରତିଘାତ ସହି ଚଳିବା ବ୍ୟକ୍ତି ମଧ୍ୟ ସେତିକି ବା ତା' ଠାରୁ ଅଧିକ ଅନୁଭବ କରନ୍ତି । ଏହା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ଅଛପା ନଥିଲା ।

ଗୋଦାବରୀଶଙ୍କ ଖଡ଼ିଛୁଆଁ ଗାଁ ପାଠଶାଳାରୁ । ଗାଁ ଗଣ୍ଡାରେ ପାଠଶାଳାକୁ ମଧ୍ୟ ଚାଟଶାଳୀ କୁହାଯାଏ । ଗୋଦାବରୀଶଙ୍କ ଜନ୍ମ (୧୮୮୬) ବେଳକୁ ଓଡ଼ିଶା ଦୀର୍ଘ ୮୩ ବର୍ଷ ଇଂରେଜ ଶାସନ ପର୍ଯ୍ୟାୟଭୁକ୍ତ ହୋଇ ସାରିଥିଲା । ଜନଜୀବନ ମଧ୍ୟ ଇଂରେଜ ଶିକ୍ଷା ଆଡ଼େ ମୁହାଁଇଥିଲା; ମାତ୍ର ଗାଁ ମାନଙ୍କରେ ଚାଟଶାଳୀ ସମ୍ପୂର୍ଣ୍ଣ ହଜିଯାଇ ନଥିଲା । ପିଲାଙ୍କର ସେଇଠୁ ବିଦ୍ୟାରମ୍ଭ । ସେମାନେ ଚାଟ, ତାଙ୍କୁ ପଢ଼ାନ୍ତି ଅବଧାନ । ଗୀତା, ଭାଗବତ, ବିଶିରାମାୟଣ ପିଲେ ପଢ଼ନ୍ତି, କିଛି କିଛି ଗଣିତ ଶିକ୍ଷା କରନ୍ତି, ଯେମିତି ଓଡ଼ାଙ୍କ, ଫେଡ଼ାଙ୍କ, କଡ଼ା, ଗଣ୍ଡା, ପଣଖିଆ, ସେର, ପା' ଆଦି କେତେ କଥା । ଅବଧାନଙ୍କ କଡ଼ା ଶାସନ, ବେତମାଡ଼ ନହେଲେ ପିଲେ ଚଗଲା ହେବେ, ପାଠଶାଠ ହେବନି – ଏ ପ୍ରକାର ଚିନ୍ତନଟି ବଳବତ୍ତର ଥିଲା । ଅଭିଭାବକ ମାନେ ଏହା ସପକ୍ଷରେ, ପିଲା ଆଗରେ କହିଦିଅନ୍ତି, "ଏୟାର ଆଖିକାନ ଦି'ଟା ଛାଡ଼ି, ଯେତେ ପାର ସେତେ ମାରିବ ।" ପିଲାଏ ତ୍ରସ୍ତ । ମାଡ଼ ଭୟରେ ପାଠ ପଢ଼ନ୍ତି । ଦୁର୍ବଳ ଛାତ୍ରମାନଙ୍କ କପାଳ ମନ୍ଦ । ଜ୍ଞାନଦାସ (ବେତ) ତାଙ୍କ ପାଇଁ ଆତଙ୍କର କାରଣ । ଏଥିରୁ ଗୋଦାବରୀଶ ବାଦ୍ ପଡ଼ିନଥିଲେ । ତାଙ୍କ କୋମଳମତି ପ୍ରାଣରେ ଅବଧାନଙ୍କ ପାଇଁ ବିଦ୍ୱେଷ ସୃଷ୍ଟି ହେଉଥିଲା । ବୟସ ବଢ଼ିବା ପରେ ସେ ହୃଦୟଙ୍ଗମ କଲେ, ସତରେ ଅବଧାନ କେତେ ଭଲ ! ବେତମାଡ଼ ତାଙ୍କୁ ଭଲ ଚାଟଟିଏ କରିଦେଲା । ପରେ ଉଚ୍ଚଶ୍ରେଣୀ ମାନଙ୍କରେ ସେ ଭଲ ତ କଲେ, ପ୍ରଥମ ସ୍ଥାନ ପାଇଲେ ବି । ସେଇ କଥାଟିକୁ ଲେଖକ ବାଢ଼ିଛନ୍ତି ପାଠକ ଆଗରେ, "ଅବଧାନ ପାଠଶାଳାରେ ମୋତେ ମାରନ୍ତି; କିନ୍ତୁ ନଦୀରେ ପାଣି ବେଶି ଥିଲେ ମୋତେ କାନ୍ଧରେ ବସାଇ ପାରି କରିଦିଅନ୍ତି, ଖରାଦିନେ ଦି' ପହରରେ ବାଟରେ ତତଲା ବାଲିରେ ମୁଁ ତାଙ୍କ ପିଠରେ ଲାଉ ହୋଇ ପାରିହୁଏ ।" ପ୍ରକୃତରେ ସେ ଗୁରୁ, ଚିର ବନ୍ଦନୀୟ, ହେଉପଛେ ତାଙ୍କର ମାସିକ ଦରମା ପାଞ୍ଚ ଟଙ୍କା । ଏବେ ଗାଁ ମାନଙ୍କରେ ନାହିଁ ପାଠଶାଳା, ତା ଜାଗାରେ ଅଙ୍ଗନବାଡ଼ି, ଶିକ୍ଷକଙ୍କ ଆର୍ଥିକ ସ୍ଥିତି ବି ମନ୍ଦ ନୁହେଁ, ସେମାନେ ସାର୍, ପିଲେ ଛାତ୍ର । ଏମାନେ ବଡ଼ ଅବୁଝା, ସାର୍ ମାନେ ତାଙ୍କ ଡ୍ୟୁଟି ବଜାଇ ଦିଅନ୍ତି । ନାହିଁ ସେ ଦିନର ଗୁରୁ ଶିଷ୍ୟ ପରମ୍ପରା । ଆତ୍ମୀୟତା, ସ୍ନେହ, ଶରଧା ବା କାହୁଁ ଆସିବ ?

ପାଠଶାଳାରେ ବେଶି ଗୁରୁତ୍ୱ ମାତୃଭାଷା, ବ୍ୟାକରଣ ଉପରେ । ବର୍ଣ୍ଣାଶୁଦ୍ଧି ପାଇଁ ପିଲାଙ୍କୁ ଦଣ୍ଡ ମିଳୁଥିଲା । ଏପରିକି ଗୋଦାବରୀଶଙ୍କୁ ତିନିଟା 'ସ', ଦୁଇଟା 'ଇ' ଭିତରେ ଥିବା ପାର୍ଥକ୍ୟ ଜଣା ନଥିଲା । ଗୋଟେ ପରୀକ୍ଷାରେ ସେ କେଉଟର ଲିଙ୍ଗ ପରିବର୍ତ୍ତନ ଲେଖିଲେ 'କେଉଟୀ' । ଏଥିପାଇଁ ତାଙ୍କୁ ଅନେକଥର ହାସ୍ୟାସ୍ପଦ ହେବାକୁ ପଡ଼ିଲା, ସହପାଠୀଙ୍କ ମୁହଁରେ 'ହାଡ଼ି ବାଇଦ କୋଶେ, ତୁଣ୍ଡ ବାଇଦ ସହସ୍ର କୋଶ' ପରି ବ୍ୟାପିଲା । ଏ ପରିକି ଦୂର୍ବାକ୍ଷତ ଦିବସର ମଧୁଶଯ୍ୟାରେ ତାଙ୍କ ସହଧର୍ମିଣୀ ଧୀର କୋମଳ କଣ୍ଠରେ କହିଲେ, "ଆଜି କେଉଟୀ ଆସିଥିଲା ଦେଖିବ ।" ଏଥିରେ ସେ ମର୍ମାହତ ହେଲେନି; ବରଂ ନିରକ୍ଷରା ପଲ୍ଲୀ ଯୁବତୀଙ୍କ ପକ୍ଷେ ପ୍ରଥମ ପ୍ରେମାଳାପର ଏହା ମାଧ୍ୟମ ପାଲଟିଲା । ବର୍ଣ୍ଣାଶୁଦ୍ଧି ଗୋଟେ ଭାଷାର ପ୍ରଗତିରେ ବାଧକ, ବିଶେଷ କରି ମାତୃଭାଷାର – ଏକଥା ଗୋଦାବରୀଶ ବୁଝିଥିଲେ । ପରବର୍ତ୍ତୀ କାଳରେ ସେ ସାହଚର୍ଯ୍ୟ ପାଇଲେ ଲବ୍ଧପ୍ରତିଷ୍ଠ ବ୍ୟାକରଣ ଲେଖକ ତଥା ବରିଷ୍ଠ ସାହିତ୍ୟିକ ପଣ୍ଡିତ ନୀଳକଣ୍ଠ ଦାସଙ୍କର । ତାଙ୍କରି ସହାୟତାରେ ନିଜର ବର୍ଣ୍ଣାଶୁଦ୍ଧି ତ୍ରୁଟିମାନ ସୁଧାରିନେଲେ । କିଛି ଲେଖାଲେଖି କଲାବେଳେ ଅଭିଧାନଟିଏ ପାଖରେ ରଖିଲେ । ବର୍ଣ୍ଣାଶୁଦ୍ଧି ପ୍ରତି ଅନେକ ଲେଖକ, ଛାତ୍ର, ଶିକ୍ଷକ ଗୁରୁତ୍ୱ ଦେଉନଥିବାରୁ ଗୋଦାବରୀଶ ଖେଦ ପ୍ରକାଶ କରିଛନ୍ତି । ବର୍ଣ୍ଣାଶୁଦ୍ଧି ବ୍ୟାଧି କ୍ରମେ ଉଗ୍ରରୂପ ନେଲା । ଏପରିକି ବିଶ୍ୱବିଦ୍ୟାଳୟ ଏମ୍.ଏ ପରୀକ୍ଷାର ଉତ୍ତର ଖାତାରେ 'ଶୁନ୍ଦର', 'ଭାସା', 'ଶହସା', 'ଚିର', 'ପ୍ରୀୟ' ଭଳି ଗୁରୁଚଣ୍ଡାଳ ଦୋଷଯୁକ୍ତ ଶବ୍ଦମାନ ଆବିର୍ଭାବ ସେ ଦେଖିଲେ । ଆଉ ଗୋଟେ କୌତୁକ କଥା । ଜଣେ ସ୍ୱନାମଧନ୍ୟ କଂଗ୍ରେସ କର୍ମୀ, ଜନୈକ ଲବ୍ଧପ୍ରତିଷ୍ଠ ସାହିତ୍ୟିକଙ୍କ ପାଠ୍ୟପୁସ୍ତକକୁ ନାମଞ୍ଜୁର କଲେ । ଲେଖିଲେ "ଲେଖା ପ୍ରଣାଳୀରେ ସରସତ୍ତାର ବିଶେଷ ଅଭାବ । ବର୍ନାସୁଧୀ ମଧ୍ୟ ଅନେକ ଅଛି" – ଏ ପ୍ରକାର ପ୍ରମାଦ ପୂର୍ଣ୍ଣ ଲେଖା କେବଳ ହାସ୍ୟାସ୍ପଦ ନୁହେଁ, ତା' ଠଉଁ ବଳି ଦୁଃଖ ଦାୟକ ମଧ୍ୟ । ଅଧୁନା ଶିକ୍ଷାନୁଷ୍ଠାନରେ ମାତୃଭାଷା ପଠନ ପାଇଁ ବୀତସ୍ପୃହ ଭାବ ପରିଦୃଷ୍ଟ । କିଛି କର୍ଷ ତଳେ ସରକାର ବିଶ୍ୱବିଦ୍ୟାଳୟରୁ ଇଚ୍ଛାଧୀନ ଓଡ଼ିଆ ଉଠାଇ ଦେଲେ । ପ୍ରତିବାଦର ସ୍ୱର ତୀବ୍ର ହେଲା । ଶେଷରେ ସରକାର ମୁଣ୍ଡ ନୁଆଁଇଲେ । ସରକାର ଏ ପ୍ରକାର ପଦକ୍ଷେପ ନେବାର କାରଣଟି ଥିଲା ସ୍ୱତନ୍ତ୍ର । ଇଚ୍ଛାଧୀନ ଓଡ଼ିଆ ପାଠ ପାଇଁ ପିଲେ ଯେଉଁ ଆଗ୍ରହ ପ୍ରକାଶ କରୁଥିଲେ, ତାହା ଗଙ୍ଗାମାତାଙ୍କୁ ଜଣା । ଏବେ ଲିଖନ ପଠନ କଥା, ଗୋଦାବରୀଶ ସିନା ଆପଣାର ତ୍ରୁଟି ସୁଧାରି ନେଲେ; କିନ୍ତୁ ବର୍ଣ୍ଣାଶୁଦ୍ଧି କଥାଟି କାଳେ କାଳେ ରହିଛି । ଆମେ ଲେଖୁଁ, ମନଇଚ୍ଛା ଲେଖୁଁ । ଅନେକଙ୍କ ପାଖରେ ଅଭିଧାନଟିଏ ନଥାଏ ଅବା ଅଭିଧାନ ଆଡ଼େଇ ଆପଣା ଭ୍ରମ ସଂଶୋଧନ ପାଇଁ ନିଷ୍ଠା ନାହିଁ । ଏ କ୍ଷେତ୍ରରେ ସମ୍ପାଦକଙ୍କ ଦାୟିତ୍ୱ ବଢ଼ିଯାଏ, ଯଦି କୌଣସି କାରଣରୁ ଲେଖାରେ ଥିବା ବର୍ଣ୍ଣାଶୁଦ୍ଧି ତାଙ୍କ ଆଖିକୁ ଏଡ଼େଇ ଯାଏ; ତାହେଲେ କଥା ସରିଲା । ଏଣିକି ରାଇଜ ପାପ ରାଜା ମୁଣ୍ଡରେ । ଗୁଣି ପାଠକେ ମଧ୍ୟ ଅଛନ୍ତି । ଅନେକେ ଅନିଚ୍ଛାକୃତ ତ୍ରୁଟିକୁ ଉଦାରପଣେ ଘେନା କରନ୍ତି । କେହି କେହି ବେପରୁଆ ଭାବେ ବନାନ ଭୁଲ୍ ଲେଖୁଥିବା ବନ୍ଧୁଙ୍କୁ ପଚାରିଲେ ଉତ୍ତର ମିଳେ, "ଆଗକାଳିଆ ପଣ୍ଡିତେ ପରା କହିଛନ୍ତି, ଶୁଦ୍ଧ ଅଶୁଦ୍ଧ ପୂରାଇ ଗାଇବ, ଲେଖନକାରର ଦୋଷ ନଧରିବ ।" ଏହା ଯଦି ପାଠୁଆଙ୍କ ମାନସିକତା, ମାତୃଭାଷାର କପାଳ ଫାଟିଲା ବୋଲି ଧରାଯାଇ ପାରେ । (କ୍ରମଶଃ...)

# ବଙ୍ଗୀୟ କନ୍ୟା – ଓଡ଼ିଶାର ବୋହୂ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ । ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି । ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି । ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ । ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା । ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗୀରଥି ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ବିପ୍ଳବିଣୀ ମାଳତୀ ଚୌଧୁରୀ ଥିଲେ ଅଗ୍ରଗଣ୍ୟା । ପରବର୍ତ୍ତୀ ପର୍ଯ୍ୟାୟରେ ଯିଏ ନୁମା ନାମରେ ସୁପରିଚିତା ହୋଇପାରିଥିଲେ ।

ମାଳତୀ ଚୌଧୁରୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ । ସେ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା । ଆଉ ତା' ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପତ୍ତି ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ। ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ । ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ। ଓଡ଼ିଶାର ଇଞ୍ଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉତ୍ତରା ସହ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌ରେ ରହିଲେ। ୧୯୩୧ ମସିହା ଗାନ୍ଧୀ-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ। ସେତିକିବେଳେ ତାଙ୍କ ବଡଝିଅ ଉତ୍ତରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ ।

୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ । ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ ।

ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି। ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ – ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତ୍ତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା ।

୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ । ହେଲେ ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି। ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାରମର୍ମକୁ ବୁଝିବାର ଅଛି । ବଙ୍ଗୀୟ କନ୍ୟା ଓ ଓଡିଶାର ବୋହୂ ମାଳତୀ ଚୌଧୁରୀଙ୍କ ଜୀବନାଦର୍ଶ ଏ ଜାତିକୁ ଦିଗ୍‌ଦର୍ଶନ ଦେଉ ଏହା ହିଁ କାମନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଜଳ ସଂକଟ : ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ମୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଗରା ବାଲ୍‌ଟି ଧରି ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ। ପିଇବା, ରୋଷେଇ କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଜଳର ସଙ୍କଟ, ଗ୍ରାମରେ ସରକାର ପକ୍ଷରୁ ଘର ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଥାଇ ମଧ୍ୟ କାମରେ ଲାଗୁନାହୁଁ ଦୀର୍ଘ ଦିନ ହେଲା। ୭୫୦ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବାମନଦେଇଭଟା ଗ୍ରାମରେ ପାଞ୍ଚଟି ନଳକୂପ, ଜଳ ଜୀବନ ମିଶନ ପାନୀୟ ଜଳ ପ୍ରକଳ୍ପରେ ଘର ଘରକୁ ପାଣି ଟ୍ୟାପ୍, ୱାଟର ହେଡ୍ ଟାଙ୍କି ରହିଛି କିନ୍ତୁ କେଉଁଠୁ ମଧ୍ୟ ପାଣି ଟୋପାଏ ବାହାରୁ ନାହିଁ। ଏଣୁ ବାଧ୍ୟ ହୋଇ ପୋଖରୀ ପାଣି ଉପରେ ଭରସା, ଗ୍ରାମରେ ଜଳ ସଙ୍କଟ ନେଇ ପ୍ରଶାସନ ଓ ସରକାରଙ୍କୁ ଯେତେ ଅଭିଯୋଗ କଲେ କେବଳ ମିଳୁଛି ଫମ୍ପା ଆଶ୍ୱାସନା ଓ ପ୍ରତିଶୃତି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇ ଥର ଅଭିଯୋଗ ପରେ ବି ସମାଧାନ ହୋଇପାରୁନାହିଁ ଜଳ ସଙ୍କଟର ସମସ୍ୟା। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରୀଗୁଡ଼ା ପଞ୍ଚାୟତର ବାମନଦେଇଭଟା ଗାଁରେ ଲାଗିରହିଛି ଜଳ ସଙ୍କଟ। ଗାଁରେ ପ୍ରାୟ ୨୨୦ ପରିବାରରେ ୭୫୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବାସବାସ କରୁଛନ୍ତି। ଉକ୍ତ ଗାଁରେ ଦୁଇଟି ୱାର୍ଡରେ ଚାରିଟି ସାହି ରହିଛି। ଗାଁରେ ୫ଟା



ନଳକୂଅ ଥିବା ବେଳେ ୨ଟି ନଳକୂଅ ଖରାପ ହୋଇଯାଇଛି। ବାକି ୩ଟି ନଳକୂଅରୁ ଅଳ୍ପ ଅଳ୍ପ ପାଣି ବାହାରୁ ଥିବା ବେଳେ ହାଣ୍ଡିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି, ବାମନଦେଇଭଟା ଗ୍ରାମରେ ପୋଖରୀ ଅଛି ଯାହା ଫଳରେ ନିତ୍ୟବ୍ୟବହାର୍ଯ୍ୟ ସକାଶେ ଯେଉଁ ପାଣି ଆବଶ୍ୟକ ପଡ଼େ ତାହା ମେଣ୍ଟାଉଛି। ଜଳ ଜୀବନ ମିଶନ ମାଧ୍ୟମରେ ଗ୍ରାମରେ ପାଣି ଟାଙ୍କି ସହ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରାଯାଇଛି କିନ୍ତୁ ଟ୍ରାନ୍ସଫରମର ଖରାପ ଯିବା ଯୋଗୁଁ ଟାଙ୍କିକୁ ପାଣି ଉଠୁନାହିଁ କିମ୍ବା ଜଳ ଯୋଗାଣ ହୋଇପାରୁ ନାହିଁ। ଦୀର୍ଘ ଦିନ ବ୍ୟବହାର ହୋଇ ନଥିବା ଯୋଗୁଁ ପାଇପ୍ ଗୁଡିକ ମଧ୍ୟ ଖରାପ ହେବାକୁ ବସିଲାଣି। ତିନି ବର୍ଷ ତଳେ ଜଳ ଜୀବନ ମିଶନରୁ କିଛି ଦିନ ପାଇଁ ପାଣି ଯୋଗେଇ ଦିଆଯାଇଥିବା କିନ୍ତୁ ପ୍ରାୟ ତିନି ବର୍ଷ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯଥା ଶୀଘ୍ର ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉ ନଚେତ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାମନଦେଇଭଟା ଗ୍ରାମର ଜଳ ସଙ୍କଟ ସରପଞ୍ଚ ଓ ସମିତିସଭ୍ୟମାନେ ମଧ୍ୟ ପଞ୍ଚାୟତ ବୈଠକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ ସତ୍ତ୍ୱେ ଗ୍ରାମର ଜଳ ସଙ୍କଟ ଦୂର ହୋଇପାରିନାହିଁ।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଦାନପୁର କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦାନପୁର ଠାରେ ଦୁଇ ଦିନିଆ 'ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା' ଆୟୋଜିତ ହୋଇ ଯାଇଛି। ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସିଆରସିସି ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଏବିଇଓ ରବି ନାରାୟଣ ସେଠୀ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ଏହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ୧୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ୬୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥି ସହିତ ୧୨ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପାଖାପାଖି ୧୦୦ଟି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପରିଶେଷରେ ସିଆରସିସି ପ୍ରଶାନ୍ତ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାକୁ ଉଦ୍‌ଯାପିତ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଆବର୍ଜନା ସ୍ଥଳ

# ପ୍ଲାଷ୍ଟିକମୁକ୍ତ ଜିଲ୍ଲା ଗଠନ କରିବା ପାଇଁ ଆହ୍ୱାନ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲାର ପଞ୍ଚାୟତ କାର୍ଯ୍ୟାଳୟ ଏବେ ଆବର୍ଜନା ସ୍ଥଳ ପାଲଟିଛି। ଦୀର୍ଘଦିନ ଧରି ଆବର୍ଜନା ପଡ଼ିରହୁଥିବାରୁ କାର୍ଯ୍ୟାଳୟ ପରିସର ପ୍ରଦୂଷିତ ହେବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ବନ୍ଦ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଅଭିଯାନ ଜାରି ରହିଛି। ୨୦୨୫ ଜୁନ ୧୩ରୁ ଏକକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରି ପ୍ରତି ଗାଁ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସଚେତନତା କରି ଅଳିଆ ଆବର୍ଜନା ଗୋଟାଇବା ଆରମ୍ଭ କରିଥିଲେ। ଏହାସହ ପ୍ରତି ସୋମବାର ସଦର ମହକୁମା ଓ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ଣରେ ସେହି ବ୍ଲକର ଯେ କୌଣସି ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମରେ ଆବର୍ଜନା ଗୋଟାଇ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ



ବାର୍ତ୍ତା ଦେଇଆସୁଛନ୍ତି। ବର୍ତ୍ତମାନ ଶନିବାର ଦିନକୁ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ସଚେତନତା ଦିବସ ଭାବରେ ଗ୍ରହଣ କରାଯାଇ ଅଧିକାରୀ, କର୍ମଚାରୀମାନେ ଗାଁକୁ ଗାଁ ଯାଇ ସଫେଇ ପରେ ଅଳିଆ ଆବର୍ଜନା ଅନ୍ୟତ୍ର ନ ଫିଙ୍ଗି କିମ୍ବା ନିଆଁରେ ନ ପୋଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ଜମା କରି ଫେରୁଛନ୍ତି। ଫଳରେ ଏବେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ କୁଢ କୁଢ ଅଳିଆ ଆବର୍ଜନା ପଡ଼ିରହିଛି। ଏହା ପଚିଶଢି ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ଅନ୍ତୁଡିଶାଳ ପାଲଟିଛି। ଏ ସମ୍ପର୍କରେ ଜଣେ ପଞ୍ଚାୟତ କାର୍ଯ୍ୟ-ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଅଳିଆ ଫିଙ୍ଗିବା ପାଇଁ ଆମକୁ କୌଣସି ନିର୍ଦ୍ଦେଶ ନ ଥିବାବେଳେ ପ୍ରାୟ ୯ ମାସ ହେବ ଅଳିଆ ପଡ଼ିରହିଛି। ଦୁର୍ଗନ୍ଧ ଯୋଗୁ ହିତାଧିକାରୀ ପଞ୍ଚାୟତ ଆସିବା ପାଇଁ ନାକ ଟେକୁଛନ୍ତି ବୋଲି କହିଥିଲେ। ଜିଲ୍ଲାପାଳ ଦାଶଙ୍କୁ ପଚାରିବାରୁ ପଞ୍ଚାୟତ ପିଇଓମାନେ ଅଳିଆକୁ ଏନ୍‌ଏସିକୁ ହସ୍ତାନ୍ତର କରିବେ। ଏନ୍‌ଏସି କର୍ମଚାରୀ ଅନ୍ୟତ୍ର ନେଇ ପୋଡ଼ିବେ ନ ହେଲେ ଗାତକରି ପୋତିଦେବେ ବୋଲି କହିଥିଲେ।

## ୨୮ରେ ଓକିଲ ସଂଘ ନିର୍ବାଚନ ୩୨ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଓକିଲ ସଂଘ ନିର୍ବାଚନ ପାଇଁ ମୋଟ ୩୨ ଜଣ ନାମାଙ୍କନ ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ରଙ୍କ ନିକଟରେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ସଭାପତି ପାଇଁ ୨ ଉପ ସଭାପତି ପାଇଁ ୩, ସଂପାଦକ ପଦ ନିମନ୍ତେ ୨ଟି, ଯୁଗ୍ମ ସମ୍ପାଦକ ପାଇଁ ୩, କୋଷାଧ୍ୟକ୍ଷ ପାଇଁ ୨, ଓ କାର୍ଯ୍ୟକାରୀ ସଦସ୍ୟ ପାଇଁ ୯ଟି ନାମାଙ୍କନ ପତ୍ର ଦାଖଲ କରାଯାଇ ଥିବା ସୂଚନା ମିଳିଛି। ନାମାଙ୍କନ ପତ୍ର ଗ୍ରହଣ କରିବାରେ ଆଇନଜୀବୀ ଦିନେଶ ନନ୍ଦ, ସୁନିଲ ମହାନ୍ତି, ଗୀତାଞ୍ଜଳି ଧଳ, ରବି ପଣ୍ଡା, ଜ୍ୟୋତିରଞ୍ଜନ ପୂଜାରୀ, ପଦ୍ମିନୀ ଦାସ ସହଯୋଗ କରିଛନ୍ତି। ମାର୍ଚ୍ଚ ୨୮ ତାରିଖ ସକାଳ ସାଢେ ୭ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ଅପରାହ୍ଣ ୪ଟାରେ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ରାମଚଣ୍ଡୀ ନୂତନ ମନ୍ଦିର ନିର୍ମାଣକୁ ନେଇ ଅନିଶ୍ଚିତତା

# ସରକାର ବଦଳିବା ପରେ କେବଳ ମନ୍ଦିର ନବୀକରଣରେ ସୀମିତ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଉପକୂଳ ରାମନଗର ମୌଜାରେ ପ୍ରମୁଖ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ରହିଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମନ୍ଦିରକୁ ସୁଉଚ୍ଚ ଭବ୍ୟ ନୂତନ ମନ୍ଦିର ନିର୍ମାଣ ପାଇଁ ୨୦୨୩ରେ ପୂର୍ବ ସରକାର ୬ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଏବେ ନୂତନ ମନ୍ଦିର ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ସରକାର ବଦଳିବା ପରେ କେବଳ ମନ୍ଦିର ଚତୁଃପାର୍ଶ୍ୱର ନବୀକରଣରେ ୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟବରାଦ ରହିଛି। ସେହିପରି ରାଜସ୍ଥାନର ଖଣ୍ଡୋଲାଇଟ୍ ପଥର ଓ ମୟୂରଭଞ୍ଜ ଜିଲ୍ଲା ଖିଞ୍ଚିଂର ମୁଗୁନି ପଥରରେ ଖୋଦିତ ଲାଖଅଠା ଓ



ଅତ୍ୟାଧୁନିକ ଜ୍ଞାନକୌଶଳରେ ମନ୍ଦିର ନିର୍ମିତ ହେବ ବୋଲି ଏଷ୍ଟିମେଟ୍ ରହିଛି। ହେଲେ ଏପର୍ଯ୍ୟନ୍ତ ଭବ୍ୟ ମନ୍ଦିର ନିର୍ମାଣ ହେଉ ନ ଥିବାରୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଶ୍ରଦ୍ଧାଳୁମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ମାସେ ପରେ ମା'ଙ୍କ ମୁଖ୍ୟ ପର୍ବ ବୈଶାଖ ମାସ ପଣା ସଂକ୍ରାନ୍ତି ଝାମୁଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ କୁହାଯାଇଛି। ମନ୍ଦିର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ଏଣ୍ଡାଓମେଣ୍ଟ କମିଟି ଗଠନ କରାଯାଇଥିଲା। ଏହାର ଅବଧି ସରି ଯାଇଥିବା ବେଳେ ନୂଆ କମିଟି ଗଠନ କରିବାରେ ଆନ୍ତରିକତା ଅଭାବ ଯୋଗୁ ଘୁଞ୍ଚ ଘୁଞ୍ଚ ଚାଲିଛି। ଅଦ୍ୟାବଧି ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ଭାବେ ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ନୂଆ ମନ୍ଦିର ନିର୍ମାଣ ସମ୍ପର୍କରେ ତହସିଲଦାର ଆଚାର୍ଯ୍ୟଙ୍କୁ ପଚାରିବାରେ ନୂଆ କରି ଆସିଛି, ଏ ସମ୍ପର୍କରେ ଜାଣିନାହିଁ ବୋଲି କହିଥିଲେ।

ସୂଚନାଯୋଗ୍ୟ, ମା' ରାମଚଣ୍ଡୀ ମନ୍ଦିର ୧୭୩୭ ମସିହାରେ କୁଜଙ୍ଗ କ୍ଷେତ୍ର ବଂଶୀୟ ରାଜା ନିର୍ମାଣ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ସେବେଠାରୁ ଦୋଳ ମେଳଣରେ ମା' ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ଦୋଳ ବିମାନ କୁଜଙ୍ଗ ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ରୂପେ ଅଗ୍ରଜ ଭାବରେ ପୂଜା ପାଉଛନ୍ତି। ମା'ଙ୍କ ମନ୍ଦିରରେ ମୁଖ୍ୟ ଭୋଗ ଆମିଷ ଅର୍ପଣ କରିବା ବିଧି ରହିଛି। ଦିନଥିଲା ମା'ଙ୍କ ମନ୍ଦିରରେ ବଳି ଦେବାର ପ୍ରଥା ଥିଲା। ଆଇନ ଅନୁସାରେ ପ୍ରଶାସନ ପକ୍ଷରୁ ବଳି ପ୍ରଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମନ୍ଦିର ପରିଚାଳନା ପାଇଁ ୨ ଶହ ଏକର ଜମି ଖଞ୍ଜାଯାଇଛି। ମା'ଙ୍କ ସେବକ, ସେବାୟତ, ହୁରିଆ କୀର୍ତ୍ତନ ମଣ୍ଡଳୀ, ବାରିକ, ଘାତକ (ଲୋଧା ସମ୍ପ୍ରଦାୟ), ପୁଷ୍ପାଳକ, ଟହଲିଆ, ଘଣ୍ଟୁଆ, ପାଟୁଆ, ରାଉଳ ଆଦିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମା'ଙ୍କ ମୁଖ୍ୟ ପର୍ବ ବୈଶାଖ ମାସ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ହୋଇଥାଏ।

# ସାନଘାଗରା ପିକନିକ୍ ସ୍ଥାନର ନିଲାମରେ ନିରପେକ୍ଷତା ନେଇ ଅଭିଯୋଗ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ସାନ ଘାଗରା ପିକନିକ୍ ସ୍ଥାନର ନିଲାମ ପାଇଁ କମିଟି ଯେଉଁସବୁ ସର୍ତ୍ତ ରଖିଛି, ସେଥିରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦେଇ, ଏକ ଅଭିସନ୍ଧିମୂଳକ ଏବଂ କୌଣସି ଏକ ସ୍ୱତନ୍ତ୍ର ସଂସ୍ଥା ଅବା ବ୍ୟକ୍ତି ବିଶେଷଙ୍କୁ ଆଖିରେ ରଖି, ଏପରି କରାଯାଇଛି ବୋଲି ଅଭିଯୋଗ ହେଉଛି। ସାନ ଘାଗରା ପିକନିକ୍ ସ୍ଥାନର ନିଲାମ ପାଇଁ ଇତିମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲାମରେ ଭାଗ ନେବାକୁ ଆଗ୍ରହୀ ବ୍ୟକ୍ତି ବିଶେଷ ବା ସଂସ୍ଥା ଦରଖାସ୍ତ କରି ପାରିବେ। ଯେଉଁମାନେ ଦରଖାସ୍ତ କରିବେ, ତାଙ୍କୁ – ଏକ ଲକ୍ଷ ଟଙ୍କାର ଅଣ ଫେରସ୍ତ ରାଶି ଜମା କରିବାକୁ ପଡ଼ିବ। ତା ସହିତ, ତାଙ୍କର ପୂର୍ବ ଅଭିଜ୍ଞତା ଥିବାର ଏକ ପ୍ରମାଣପତ୍ର ଦାଖଲ କରିବାକୁ ହେବ। ସେ କୌଣସି ସରକାରୀ ବା ଅର୍ଦ୍ଧ ସରକାରୀ ସଂସ୍ଥା ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନଥିବେ। ବିଗତ ତିନି ବର୍ଷ ମଧ୍ୟରେ ତାଙ୍କର ହାରାହାରି ବାର୍ଷିକ ଦଶ ଲକ୍ଷ ଟଙ୍କାର କାରବାର ଥିବା ଦରକାର।

ଏସବୁ ବାଦ୍, ଅନ୍ୟ ଏକ ସର୍ତ୍ତ ରଖାଯାଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସର୍ତ୍ତ ଅନୁସାରେ, ଦରଖାସ୍ତକାରୀ ଚଳିତ ମାସ ଦଶ ତାରିଖ ଦିନ ପିକନିକ୍ ସ୍ଥାନର ଉନ୍ନତି ଉଦ୍ଦେଶ୍ୟରେ ତାଙ୍କର କ'ଣ ସ୍ୱତନ୍ତ୍ର ପ୍ରସ୍ତାବ, କଳ୍ପନା ଓ ଆଭିମୁଖ୍ୟ ରହିଛି, ତା'ର ଏକ ମୌଖିକ ଚିତ୍ର ରଖିବେ। ଏ ଚିତ୍ର ଉପସ୍ଥାପନାରେ କମିଟି ଯେଉଁମାନଙ୍କୁ ସଫଳ ଘୋଷିତ କରିବ, ସେହିମାନେହିଁ ନିଲାମରେ ଭାଗ ନେଇ ପାରିବେ। ନିଲାମରେ ଅଶୀ ଲକ୍ଷ ଟଙ୍କା ସର୍ବନିମ୍ନ ମୂଲ୍ୟ ରଖାଯାଇଛି। ଏହା ଖୋଲା ନିଲାମ ଅର୍ଥାତ୍ ଡାକରେ ସ୍ଥିର ହେବ।

ଦରଖାସ୍ତକାରୀମାନେ ଏ ଯେଉଁ ମୌଖିକ ପ୍ରସ୍ତାବ, ଆଭିମୁଖ୍ୟ ରଖିବେ, ତା'ର ତର୍ଜମା କେତେ ନିରପେକ୍ଷ ହେବ ? ଏହା କାହିଁକି ଲିଖିତ ହେବ ନାହିଁ ? ଏହା କାହିଁକି ଜଉମୁଦ ଲଫାପାରେ ଦାଖଲ ହେବ ନାହିଁ ? କେଉଁ ଦରଖାସ୍ତକାରୀ କ'ଣ ଉପସ୍ଥାପନା କଲେ, କିଏ କ'ଣ ପାଇଁ ବିଫଳ ହେଲେ, ତାର ନିରପେକ୍ଷତା କ'ଣ ଓ କିପରି ରହିବ ବୋଲି ଅଭିଯୋଗ କରିଛନ୍ତି ସଚେତନ ନାଗରିକ ଦେବବ୍ରତ ପଟ୍ଟନାୟକ। ଏନେଇ ସେ ଏକ ଲିଖିତ ଅଭିଯୋଗ ମଧ୍ୟ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

ଜିଲ୍ଲାର କେତେକ ସଚେତନ ନାଗରିକଙ୍କ କହିବା ଅନୁଯାୟୀ, ଏହା ଯେତେବେଳେ ଏକ ସରକାରୀ ସଂସ୍ଥା, ସରକାର ତାଙ୍କ ହିସାବରେ ଏହାର ଉନ୍ନତି ଓ ରକ୍ଷଣାବେକ୍ଷଣ କରିବେ ଏବଂ ଠିକାଧାରୀ କେବଳ ସରକାରୀ ସର୍ତ୍ତାବଳୀର ଅନୁପାଳନ କରିବେ, ସେତେବେଳେ ତାଙ୍କଠାରୁ ଏପରି ପ୍ରସ୍ତାବ ଚାହିଁବା କେତେ ସମୀଚୀନ। ଏଥିପାଇଁ କମିଟିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ଦେବବ୍ରତ ପଟ୍ଟନାୟକ।

# ମିଶନଶକ୍ତି ଗୃହ, ପଞ୍ଚାୟତ ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବୀଶ ତହସିଲ ଅନ୍ତର୍ଗତ ରଘୁଦେଇପୁର ଠାରେ ଖାତା-୧୧୪ ପ୍ଲଟ୍ ୪୧ରେ ମିଶନଶକ୍ତି ଗୃହ, ପଞ୍ଚାୟତ ସୁବିଧା କେନ୍ଦ୍ର ଓ ପଞ୍ଚାୟତ ଗୃହ କାର୍ଯ୍ୟାଳୟ ନିର୍ମାଣ କରିବାକୁ ୨୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଖାତା-୧୧୪ ପ୍ଲଟ୍ ୪୧ରେ ସମସ୍ତ ସରକାରୀ କାର୍ଯ୍ୟ କରିବାକୁ ଦାବି ଜଣାଇଛନ୍ତି। ରଘୁଦେଇପୁର ଗ୍ରାମର ଜମି ୧୯୨୯ ମସିହା ଠାରୁ ବନ୍ଦୋବସ୍ତ ହୋଇନାହିଁ। ପୂର୍ବର ଉପ ଜିଲ୍ଲାପାଳ, ବିଡିଓ, ତହସିଲଦାର, ମେଡିକାଲ ଅଫିସର, ଜିଲ୍ଲପାଳ ପ୍ରମୁଖ ରଘୁଦେଇପୁର ମୌଜାର ଏହି ଖାତାରେ ସରକାରୀ ଗୃହ ନିର୍ମାଣ କରିବାକୁ ସ୍ଥାନ ସଂରକ୍ଷଣ କରିଥିଲେ। ଯାହା ଫଳରେ ରଘୁଦେଇପୁର ଗ୍ରାମବାସୀଙ୍କ ମଧ୍ୟରେ କୌଣସି ବିବାଦ ହୋଇ ନଥିଲା। ବର୍ତ୍ତମାନ ତହସିଲଦାର, ବିଡିଓ ଗତ କିଛିଦିନ ତଳେ ଖାତା ନଂ-୧ ଓ ପ୍ଲଟ୍ ନଂ-୧୪ରେ ସୀମା ନିର୍ଦ୍ଧାରଣ କରିବାକୁ ଏଠାରେ ସରକାରୀ ଗୃହ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ବହୁ ଭୂମିହୀନ ଅସୁବିଧାର ସମ୍ମୁଖୀନ ହେବେ। ଏଥିପାଇଁ ଅସନ୍ତୋଷ ଦେଖା ଦେଇଛି। ସ୍ଥାନୀୟ ଗ୍ରାମବାସୀ ୨ରୁ ୩ଥର ହେଲା ପ୍ରଶାସନର ଏହି କାର୍ଯ୍ୟକୁ ତୀବ୍ର ବିରୋଧ କରି ଅସିବା ସହ ଉତ୍ତେଜନା ଲାଗି ରହିଛି। ତେଣୁ ଖାତା-୧୧୪ ପ୍ଲଟ୍ ୪୧ରେ ସମସ୍ତ ସରକାରୀ ଗୃହ ନିର୍ମାଣ କରିବାକୁ ଗ୍ରାମର ବୈଷ୍ଣବ ଚରଣ ବାରିକ, ଗଦାଧର ତରାଇ, ମଦନ ବେହେରା, ପ୍ରଦିପ ବେହେରା, ମନୋଜ ବେହେରା, ପରିକ୍ଷତ ସିଂହ ପ୍ରମୁଖ ଦାବି କରିଛନ୍ତି।

# ବିଶିଷ୍ଟ ସାହିତ୍ୟିକ ଚକ୍ରପାଣି ପରିଚ୍ଛା ପାଇବେ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ'

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ବର୍ଷର ସାଧନାରେ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରୁଥିବା ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛା ପାଇବେ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ'। ଆସନ୍ତା ମାର୍ଚ୍ଚ ୨୧ ତାରିଖ ଦିନ ଜୟପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୫୨ତମ କବି ବଳରାମ ପୂଜାରୀ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି। ସମ୍ମାନ ସ୍ୱରୂପ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରାଯିବ। ସମକାଳୀନ ସାହିତ୍ୟ ଜଗତରେ କବିତା ଲେଖିବାର କଳା ଓ କୌଶଳକୁ ପାଥେୟ କରି ସାରସ୍ୱତ ସର୍ଜନା କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଚକ୍ରପାଣି ପରିଚ୍ଛାଙ୍କ କାବ୍ୟଶୈଳୀ ବେଶ୍ ଋଦ୍ଧିମନ୍ତ। ତାଙ୍କ ରଚିତ ଅନେକ ପୁସ୍ତକ ଓଡ଼ିଆ ସାରସ୍ୱତ ଜଗତକୁ ପରିସ୍ଫୁଟ କରିଛି। ସେ ଆଧୁନିକ କବିତାର ଏକ ସ୍ୱତନ୍ତ୍ର ପରିଚୟ। ତାଙ୍କ ଶବ୍ଦ ବିନ୍ୟାସର ଉଷୁମ ନିଃଶ୍ୱାସରେ କବିତାର ଖାଲି ପଣକୁ ଜାକି ହୋଇଯାଇଥିବା ସ୍ୱପ୍ନଗୁଡ଼ିକ ଚେଇଁ ଉଠନ୍ତି। ଜୀବନ ଯାତନାର ଅନେକ ଏକ୍ଲାପଣର ଅନୁଭବକୁ ଶବ୍ଦକାନ୍ତିରେ ଭରିଦେବା ହେଉଛି ତାଙ୍କର ଅନନ୍ୟ ପ୍ରତିଭା। ନକାରାତ୍ମକ ଭାବାବେଗକୁ ସମ୍ମୋହନର ଅତ୍ୟୁଚ୍ଚ ଶିଖରରେ ପହଞ୍ଚାଇବାରେ ସେ ସିଦ୍ଧହସ୍ତ। ବେତାର ନାଟକ, ରହସ୍ୟ ଉପନ୍ୟାସ ଏବଂ କବିତା ଲେଖିବା ନିଶାରେ ସେ ମସଗୁଲ। ଉଭୟ ସଂକ୍ଷିପ୍ତ ଏବଂ ଦୀର୍ଘ କବିତା ଲେଖିବାରେ ସେ ପରିପକ୍ୱ। ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀଙ୍କ ନିଷ୍ପତ୍ତି କ୍ରମେ ଆୟୋଜକ କମିଟିର ଆବାହିକା ପୁଷ୍ପାଞ୍ଜଳି ରଣା, ସଂଯୋଜକ ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ ଓ ରୂପେଶ ସାହୁ କବି ଚକ୍ରପାଣି ପରିଚ୍ଛାଙ୍କ ନାମ ଘୋଷଣା କରିଛନ୍ତି। ନାମ ଘୋଷଣା ପରେ କବିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଖଲିଆଭଟାରେ ବେଆଇନ ମଦ ବିକ୍ରି ଅଭିଯୋଗ କଲେ ମିଳୁଛି ଧମକ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ନିକଟ ଖଲିଆଭଟାରେ ବେଆଇନ ଭାବେ ଦେଶୀ ଏବଂ ବିଦେଶୀ ମଦ ବିକ୍ରି ହେଉଥିବାରୁ ମଦ ବିକ୍ରି ବନ୍ଦ କରିବା ପାଇଁ ଖଲିଆଭଟାର କେତେକ ସଚେତନ ନାଗରିକ ଜୟପାଟଣା ଅବକାରୀ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଗତ ୨ତାରିଖରେ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନ ଥିଲେ। ହୋଲି ଦିନ ଏଠାରେ ଖୁଲମ ଖୁଲ୍ଲା ମଦ ବିକ୍ରି ହୋଇଥିଲା। ମଦୁଆଙ୍କ ଅଶ୍ଳୀଳ ଆଚରଣ ଯୋଗୁଁ କୋମଳମତି ଛାତ୍ର ଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିବା ବେଳେ ମହିଳା ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି। ହେଲେ ଅଭିଯୋଗ ପରେ ବେଆଇନ ମଦ ବିକ୍ରି କରୁଥିବା ତିନି ମଦ ବିକ୍ରେତା ଅଭିଯୋଗ କରିଥିବା ଥିବା ଜଣେ ବ୍ୟକ୍ତିଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେବା ପରେ ସେ ଆଜି କାର୍ଯ୍ୟାନୁଷ୍ଠାନ ପାଇଁ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜୟପାଟଣା ଅବକାରୀ ଥାନା ଅଧିକାରୀଙ୍କୁ ଖଲିଆଭଟାର କେତେକ ସଚେତନ ନାଗରିକ ଲିଖିତ ଅଭିଯୋଗ କରିଥିଲେ ହେଲେ ଅଭିଯୋଗ ସମ୍ପର୍କରେ ଏବଂ ଅଭିଯୋଗକାରୀଙ୍କ ନାମ କିପରି ତିନି ବେଆଇନ ମଦ ବିକ୍ରେତା ଜାଣିଲେ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଥାନା ଅଧିକାରୀ ଓ ବେଆଇନ ମଦ ବିକ୍ରେତାଙ୍କ ମଧୁ ଚନ୍ଦ୍ରିକା ରହିଛି। ଖଲିଆଭଟାରେ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗ୍ଲୁକୋମା ମୁକ୍ତ ବିଶ୍ୱ ଗଠନ ପାଇଁ ଆହ୍ୱାନ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ଗ୍ଲୁକୋମା ଦିବସ –୨୦୨୬ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ହୋଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱ ଗ୍ଲୁକୋମା ଦିବସର ବିଷୟବସ୍ତୁ – ଗ୍ଲୁକୋମା ମୁକ୍ତ ବିଶ୍ୱ ପାଇଁ ଏକାଠି ହେବା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ, ମନୋଜ କୁମାର ଦାସ, ତାଲିମ୍ କେନ୍ଦ୍ରର ଟିଉଟର ମାଡ଼ାମ ମାନେ ଉପସ୍ଥିତ ଥିଲେ। ସଭାପତି ଡା. ବେହେରା ତାଙ୍କ ଅଭିଭାଷଣରେ କଳାମୋତିଆର କାରଣ ଗୁଡିକ ଯଥା ବାର୍ଦ୍ଧକ୍ୟ,ସମୀପ ଦୃଷ୍ଟିଦୋଷ, ଦୀର୍ଘ ମିଆଦି ଷ୍ଟିରଏଡ ଚିକିତ୍ସା, ବଂଶଗତ, ଡାଇବେଟିସ, ଉଚ୍ଚ ରକ୍ତଚାପ ଏବଂ ଆଖିର ମାତ୍ରାଧିକ ଚାପ ଉପରେ ଗଭୀର ଆଲୋକ ପାତ କରିଥିଲେ। ଏହାର କୌଣସି ଲକ୍ଷଣ ପ୍ରକାଶ ନ ଥାଇ ଅନ୍ଧ କରିଦେଇଥାଏ। ଏଣୁ ସମସ୍ତ ୪୦ ବର୍ଷ ଉପରେ ଥିବା ଜନ ସାଧାରଣ ନିୟମିତ ଆଖି ନିକଟସ୍ଥ ଚିକିତ୍ସା କେନ୍ଦ୍ରମାନଙ୍କରେ ପରୀକ୍ଷା କରାଇବା ଉଚିତ। ମୁଖ୍ୟ ବକ୍ତା ଭାବେ ଡ଼ାକ୍ତର ବିକାଶ ରଞ୍ଜନ ନାୟକ (ଚକ୍ଷୁ ବିଶେଷଜ୍ଞ) ଅଭିଭାଷଣରେ କହିଥିଲେ ଯେ ସମଗ୍ର ବିଶ୍ୱରେ ୭୮ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ଓ ଏହା ଆରୋଗ୍ୟ ସାଧ୍ୟ ନୁହେଁ, ଏଣୁ ସମସ୍ତେ ନିୟମିତ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଡ଼ାକ୍ତର ମନୋଜ ସାହୁ ଭିଟାମିନ (କ) ଯୁକ୍ତ ଖାଦ୍ୟ ଖାଇବା ଉପରେ ମତ ପ୍ରକାଶ କରିଥିଲେ। ସଭାରେ ଡ଼ାକ୍ତର ପ୍ରଦୀପ କର (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ), ଡାକ୍ତର ସଞ୍ଜୀବ କୁମାର ପ୍ରଧାନ କଳାମୋତିଆ ଉପରେ ମତ ବ୍ୟକ୍ତ କରିଥିଲେ। ସଭା ଶେଷରେ କଳାମୋତିଆ ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ସୁଜିତ୍ କୁମାର ମହାପାତ୍ର (ବରିଷ୍ଠ ଚକ୍ଷୁ ବିଶେଷଜ୍ଞ)ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ପ୍ରଦୀପ କୁମାର ସାହୁ (ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ) ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ବାଇସନ ମହୋତ୍ସବ

# ଡେବ୍ରିଗଡ଼ରେ ହେବ ଭାରତର ପ୍ରଥମ ଜାତୀୟ ଗୟଳ ପାର୍କ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଡେବ୍ରିଗଡ଼ ଅଭୟାରଣ୍ୟ ଆସନ୍ତା କିଛିଦିନ ମଧ୍ୟରେ ଭାରତ ବର୍ଷର ପ୍ରଥମ ଜାତୀୟ ଗୟଳ ପାର୍କଭାବେ ଅଭିହିତ ହେବ। ରବିବାର ଭାରତୀୟ ବାଇସନ (ଗୟଳ) ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେ କହିଥିଲେ, ସମ୍ପୂର୍ଣ୍ଣ ଡେବ୍ରିଗଡ଼ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ ଜୋନ କରାଯାଇ ଥିବାବେଳେ ଭିତରର ବୈଜ୍ଞାନିକ ପଦ୍ଧତିରେ ଆନ୍ତରିକ ପରିଚାଳନା, ଡେବ୍ରିଗଡ଼ ପାଖ ଗ୍ରାମ ଗୁଡିକରେ ଜନସାଧାରଣଙ୍କ ଦ୍ୱାରା ଜଙ୍ଗଲର ସଂରକ୍ଷଣ ଓ ଜନ୍ତୁ ସଂଖ୍ୟା ବୃଦ୍ଧି ସମଗ୍ର ଅଭୟାରଣ୍ୟର ଅଭିବୃଦ୍ଧିରେ ସହାୟକ ହୋଇଛି। ଏହି ଅଭୟାରଣ୍ୟକୁ ଭାରତ ବର୍ଷର ପ୍ରଥମ ଜାତୀୟ ଗୟଳ ପାର୍କ ଭାବରେ ଘୋଷଣା କରିବାକୁ ଭାରତ ସରକାରଙ୍କ ପାଖରେ ଦାବି ରଖାଯାଇଛି ଏବଂ ତାହା ସରକାରଙ୍କ ବିଚାରାଧୀନ ରହିଛି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୋଲିସ ଆଇ.ଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ଡେବ୍ରିଗଡ଼କୁ ଏକ ରାଷ୍ଟ୍ରର ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ପରିବର୍ତ୍ତନ କରିବାରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଦାସଙ୍କ ସମେତ ସମସ୍ତ କର୍ମଚାରୀଙ୍କ ନିରବଚ୍ଛିନ୍ନ ପ୍ରୟାସ ଓ ଅଧ୍ୟବସାୟ ଯୋଗୁଁ ରହିଛି। ଜଙ୍ଗଲର ସମସ୍ତ ପ୍ରକାର



ସୁରକ୍ଷାରେ ପୋଲିସ ବଳ ସବୁବେଳେ ଜାଗ୍ରତ ଓ ସହଯୋଗର ହାତ ବଢାଇ ରଖିବ ବୋଲି ଲାଲ୍ ପ୍ରତିଶ୍ରୁତି ଦେଇଥିଲେ। ବାଇସନ ଗବେଷକ ଡଃ କେ. ଶଙ୍କର ବାଇସନ ଅର୍ଥାତ୍ ଗୟଳ ସଂରକ୍ଷଣ ପାଇଁ ଡେବ୍ରିଗଡ଼ ବନ୍ୟ ସଂରକ୍ଷଣ ବିଭାଗର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଅଟେ ଏବଂ ଏହା ଭାରତ ବର୍ଷର ଅନ୍ୟତମ ଶ୍ରେଷ୍ଠ ଗୟଳ ସଂରକ୍ଷିତ ଅଞ୍ଚଳ ଅଟେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଯତୀନ କୁମାର ସିଂ, ଦିଲୀପ ଧଳ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରୁ ୬୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଛନ୍ତି।

ଏହି ମହୋତ୍ସବରେ ରାତ୍ରି କ୍ୟାମ୍ପିଂକୁ ଏକ ବିଶେଷ ବୈଶିଷ୍ଟ୍ୟ ଭାବରେ ପ୍ରଚଳନ କରାଯାଇଛି। ଯାହା ଅଂଶଗ୍ରହଣକାରୀମାନଙ୍କୁ ଡେବ୍ରିଗଡ଼ର ପ୍ରାନ୍ତର ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଥିଲା। ସକାଳ ଅଧିବେଶନରେ ଭାରତୀୟ ବାଇସନ ଉପରେ ବିଶେଷଜ୍ଞ ଆଲୋଚନା, ଏକ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ ଏବଂ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାରେ ଜୁନିଅର ଅଂଶଗ୍ରହଣକାରୀଙ୍କ ପାଇଁ ବିଷୟବସ୍ତୁ 'ଜଙ୍ଗଲର ଶକ୍ତି – ଡେବ୍ରିଗଡ଼ ଅଭୟାରଣ୍ୟର ଗର୍ବ' ଏବଂ ବରିଷ୍ଠ ଅଂଶଗ୍ରହଣକାରୀଙ୍କ ପାଇଁ ବିଷୟବସ୍ତୁ 'ଭାରତର ବନ୍ୟ ଐତିହ୍ୟ – ଶକ୍ତିଶାଳୀ ଗୟଳ' ଥିଲା। ଏହି ଅବସରରେ ଅଗ୍ରଣୀ କର୍ମଚାରୀଙ୍କ ପ୍ରୟାସକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା, ଗୟଳ ସଂରକ୍ଷଣ ଏବଂ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବନପାଳ ଏବଂ ବନ ରକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ମହୋତ୍ସବ କାର୍ଯ୍ୟକ୍ରମ ପରେ ଅଭୟାରଣ୍ୟ ମଧ୍ୟରେ ଅଢ଼େଇ ଘଣ୍ଟାର ଗୟଳ ସଫାରି ଏବଂ ରାତ୍ରି କ୍ୟାମ୍ପିଂ ଅଂଶଗ୍ରହଣକାରୀଙ୍କ ପାଇଁ ତାରାଦର୍ଶନ ଅଧିବେଶନ ଅନୁଷ୍ଠିତ ହେବ, ଯେଉଁଠାରେ ପରିଦର୍ଶକମାନେ ଅଭୟାରଣ୍ୟ ଏବଂ ନିକଟସ୍ଥ ହୀରାକୁଦ ଆର୍ଦ୍ରଭୂମି ଉପରେ ନିର୍ମଳ ରାତି ଆକାଶ ତଳେ ସପ୍ତର୍ଷି ମଣ୍ଡଳରୁ ଓରିଅନ ପର୍ଯ୍ୟନ୍ତ ନକ୍ଷତ୍ର ମଣ୍ଡଳଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବେ। ସୋମବାର ସକାଳର କାର୍ଯ୍ୟକଳାପ ମଧ୍ୟରେ ବାଟ୍ ଦ୍ୱୀପ ଏବଂ ଦ୍ୱୀପ କାଫେ ପରିଦର୍ଶନ ଅନ୍ତର୍ଭୁକ୍ତ, ଯେଉଁଠାରେ ପରିଦର୍ଶକମାନେ ଦ୍ୱୀପରେ ବାସ କରୁଥିବା ୧୦୦୦ରୁ ଅଧିକ ଫଳ ବାଦୁଡ଼ି (ଉଡ଼ନ୍ତା ଶୃଗାଳ)କୁ ସୁରକ୍ଷିତ ଭାବରେ ନିରୀକ୍ଷଣ କରିପାରିବେ। ପୂର୍ବ ଭାରତରେ ଭାରତୀୟ ବାଇସନ ପାଇଁ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ଭୂଦୃଶ୍ୟ ଭାବରେ ଉଭା ହୋଇଛି। ସାମ୍ପ୍ରତିକ କ୍ଷେତ୍ର ପର୍ଯ୍ୟବେକ୍ଷଣ ଅନୁସାରେ ପ୍ରାୟ ୮୪୮ଟି ବାଇସନ ବା ଗୟଳ ଅଛନ୍ତି, ଯାହା ଗତବର୍ଷ ପ୍ରାୟ ୧୯୦ ପ୍ରାଣୀଙ୍କ ବୃଦ୍ଧିକୁ ପ୍ରତିଫଳିତ କରେ। ବାରମ୍ବାର ଗୋପାଳନ, ବାଛୁରୀଙ୍କ ଉପସ୍ଥିତି ଏବଂ ଅଭୟାରଣ୍ୟର ଘାସଭୂମି, ଜଙ୍ଗଲ ମୋଜାଇକ୍ ବାସସ୍ଥାନ ସଫଳ ପ୍ରଜନନ ଏବଂ ନିଯୁକ୍ତିକୁ ସମର୍ଥନ କରେ। ଏହାର ଦୃଢ଼ ପରିବେଶଗତ ଅଖଣ୍ଡତା ଏବଂ ସନ୍ତୁଳିତ ଇକୋସିଷ୍ଟମ ସହିତ, ଡେବ୍ରିଗଡ଼ ଭାରତରେ ଗୟଳ ସଂରକ୍ଷଣ ପାଇଁ ଏକ ଦୀର୍ଘକାଳୀନ ଉତ୍ସ ଜନସଂଖ୍ୟା ଭାବରେ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି। ବାସସ୍ଥାନ ପରିଚାଳନା, ଘାସଭୂମି ପୁନରୁଦ୍ଧାର, ଆର୍ଦ୍ରଭୂମି ସଂରକ୍ଷଣ ଏବଂ ପଦ୍ଧତିଗତ ଜନସଂଖ୍ୟା ନିରୀକ୍ଷଣ ଭଳି ଚାଲୁଥିବା ପଦକ୍ଷେପଗୁଡ଼ିକ ଏହି ପ୍ରତୀକାତ୍ମକ ପ୍ରଜାତି ପାଇଁ ଏକ ସୁରକ୍ଷିତ ପ୍ରଜନନ ଗଡ଼ ଭାବରେ ଅଭୟାରଣ୍ୟକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗିର ଏବଂ ଅନ୍ୟାନ୍ୟ ଜିଲ୍ଲାର ଆଞ୍ଚଳିକ ବନ୍ୟପ୍ରାଣୀ ଉତ୍ସାହୀମାନଙ୍କ ସହିତ ଅଭୟାରଣ୍ୟ ସଂଲଗ୍ନ ବିଭିନ୍ନ ଗ୍ରାମରୁ ୬୦୦ ଇଡିସି ସଦସ୍ୟ (ଗ୍ରାମବାସୀ) କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅବସର ନେଲେ ସର୍ଫରାଜ ଅହମ୍ମଦ




**ନୂଆଦିଲ୍ଲୀ**

ଅଭିଜ୍ଞ ୱିକେଟକିପର ବ୍ୟାଟ୍ସମ୍ୟାନ୍ ଏବଂ ପାକିସ୍ତାନ କ୍ରିକେଟର ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ପ୍ରାୟ ଦୁଇ ଦଶନ୍ଧି ଧରି ପାକିସ୍ତାନ କ୍ରିକେଟର ସେବା କରିଥିବା ସର୍ଫରାଜଙ୍କ ଏହି ନିଷ୍ପତ୍ତି ସହିତ ଏକ ଚମତ୍କାର କ୍ୟାରିୟରର ଅନ୍ତ ଘଟିଛି । କରାଚୀରେ ଜନ୍ମଗ୍ରହଣ କରିଥିବା ସର୍ଫରାଜ ଅହମ୍ମଦ ଖେଳର ତିନୋଟି ଫର୍ମାଟରେ ପାକିସ୍ତାନର ପ୍ରତିନିଧିତ୍ୱ କରିଥିଲେ । ସେ ୫୪ ଟେଷ୍ଟ, ୧୧୭ ଦିନିକିଆ ଏବଂ ୬୧ଟି-୨୦ ଅନ୍ତର୍ଜାତୀୟ ଖେଳିଥିଲେ । ଏହି ସମୟ ମଧ୍ୟରେ ସେ ୬ ଶତକ ଏବଂ ୩୫ ଅର୍ଦ୍ଧଶତକ ସହିତ ମୋଟ ୬,୧୬୪ରନ ସଂଗ୍ରହ କରିଥିଲେ । ଷ୍ଟମ୍ପ ପଛରେ ତାଙ୍କର ପ୍ରଦର୍ଶନ ସମାନ ପ୍ରଭାବଶାଳୀ ଥିଲା; ସେ ୩୧୫ କ୍ୟାଚ୍ ନେଇଥିଲେ ଏବଂ ୫୬ ଷ୍ଟମ୍ପିଂ କରିଥିଲେ ।

ପାକିସ୍ତାନର ଅଧିନାୟକତ୍ୱ ସମୟରେ, ସର୍ଫରାଜ ଅହମ୍ମଦ ତିନୋଟି ଫର୍ମାଟରେ ମୋଟ ୧୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଦଳର ନେତୃତ୍ୱ ନେଇଥିଲେ । ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନ ଟି-୨୦ ର୍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନକୁ ଉଠିଥିଲା । ତାଙ୍କ ନେତୃତ୍ୱରେ ପାକିସ୍ତାନ ଲଗାତାର ୧୧ଟି ଟି-୨୦ ସିରିଜ ଜିତି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା ଏବଂ ଛଅ ଥର ପ୍ରତିପକ୍ଷ ଦଳ ବିପକ୍ଷରେ କ୍ଲିନ୍ ସୁଇପ୍ ହାସଲ କରିଥିଲା ।

ସର୍ଫରାଜ ଅହମ୍ମଦଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୨୦୧୭ ଆଇସିସି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା । ଇଂଲଣ୍ଡର ଓଭାଲରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନ ଟିମ୍ ଇଣ୍ଡିଆକୁ ୧୮୦ ରନରେ ପରାସ୍ତ କରିଥିଲା । ଏହି ବିଜୟ ସହିତ ସର୍ଫରାଜ ଚାମ୍ପିଅନ୍ସ ଟ୍ରଫି ଜିତିବାର ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଥମ ପାକିସ୍ତାନୀ ଅଧିନାୟକ ହୋଇଥିଲେ । ଏହା ବ୍ୟତୀତ, ସେ ଏପର୍ଯ୍ୟନ୍ତ ଏକମାତ୍ର ପାକିସ୍ତାନୀ ଅଧିନାୟକ ଯିଏ ଜୁନିଅର ଏବଂ ସିନିୟର ସ୍ତରରେ ଆଇସିସି ଟାଇଟଲ ଜିତିଛନ୍ତି । ଏହା ପୂର୍ବରୁ ସେ ୨୦୦୬ରେ ଆଇସିସି ଯୁ୧୯ ବିଶ୍ୱକପରେ ମଧ୍ୟ ପାକିସ୍ତାନକୁ ବିଜୟୀ କରାଇଥିଲେ । ସର୍ଫରାଜଙ୍କ ଅଧିନାୟକତ୍ୱରେ ପାକିସ୍ତାନ ଦଳ ଫାଇନାଲରେ ଟିମ୍ ଇଣ୍ଡିଆକୁ ୩୮ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା ।

# କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ : ଜୟ ଶାହ

**ନୂଆଦିଲ୍ଲୀ**

ନିକଟରେ ସମାପ୍ତ ହୋଇଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଓ ତା'ପୂର୍ବରୁ ଦେଖାଦେଇଥିବା ବିବାଦ ସମ୍ପର୍କରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଆଇସିସି ଅଧ୍ୟକ୍ଷ ଜୟ ଶାହ । ସେ କହିଛନ୍ତି ଯେ କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ ।

କୌଣସି ଦଳର ନାଁ ନ ନେଇ ସେ କହିଛନ୍ତି ଯେ ଏହି ଆଇସିସି ବିଶ୍ୱକପ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଏହା ଆରମ୍ଭ ହେବା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ଦଳଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ଲାଗି ରହିଥିଲା । ଏପରିକି ବିଶ୍ୱକପ୍‌କୁ କିପରି ହେବ ତାହାକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା । ଆଇସିସିର ଅଧ୍ୟକ୍ଷଭାବେ ମୁଁ କହିବାକୁ ଚାହୁଁଛି ଯେ କୌଣସି ଦଳ ସଂଗଠନଠାରୁ ବଡ଼ ନୁହେଁ, କାରଣ ଗୋଟିଏ ଦଳକୁ ନେଇ ଏହି ସଂଗଠନ ତିଆରି ହୋଇନାହିଁ । ଏହି




ସଂଗଠନ ବିଭିନ୍ନ ଦଳକୁ ନେଇ ଗଢାଯାଇଛି । ଏହି ବିଶ୍ୱକପ୍‌ର ସଫଳତା ସମ୍ପର୍କରେ ସେ କହିଛନ୍ତି "ପ୍ରଥମ ଥର ପାଇଁ ଗୋଟିଏ ସମୟରେ ୭୨ ଲକ୍ଷ ଦର୍ଶକ ଏହାକୁ ଦେଖୁଥିଲେ । ମୋଟ ଦର୍ଶକ ସଂଖ୍ୟା ମଧ୍ୟ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି । ଆପଣ ଦେଖିଥିବେ, ୟୁଏସଏ ଭାରତକୁ ସମସ୍ୟାରେ ପକାଇଥିଲା, ନେଦରଲାଣ୍ଡସ୍ ପାକିସ୍ତାନକୁ କଡ଼ା ଟକ୍କର ଦେଇଥିଲା, ଜିମ୍ବାୱେ ଅଷ୍ଟ୍ରେଲିଆ ପରି ଦଳକୁ ହରାଇ ଦେଇଥିଲା ଓ ନେପାଳ ଇଂଲଣ୍ଡକୁ ଡରେଇ ଦେଇଥିଲା । ପୂର୍ଣ୍ଣକାଳୀନ ସଦସ୍ୟ ଦେଶମାନଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବାରୁ ମୁଁ ସହଯୋଗୀ ଦେଶମାନଙ୍କୁ ଅଭିନନ୍ଦନ ଜଣାଉଛି' ।

ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ଓ ପାକିସ୍ତାନକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା । ସୁରକ୍ଷା କାରଣରୁ ବାଂଲାଦେଶ ଭାରତ ଆସିବାକୁ ମନା କରିବାରୁ ଆଇସିସି ଏହି ଦଳ ବଦଳରେ ସ୍କଟ୍‌ଲାଣ୍ଡକୁ ସାମିଲ କରିଥିଲା । ସେହିପରି ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା । ତେବେ ପରେ ଏଥିପାଇଁ ରାଜି ହୋଇଥିଲା ।

ସେ ମଧ୍ୟ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଏକ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଉପରୁ ତଳକୁ ଖସିବାକୁ ଅଳ୍ପ କିଛି ମାସ ସମୟ ଲାଗିଥାଏ, ମାତ୍ର ତଳୁ ଉପରକୁ ଉଠିବାକୁ ବର୍ଷ ବର୍ଷ ଲାଗିଥାଏ । ଏଣୁ ସେମାନେ କଠିନ ପରିଶ୍ରମ କରିଚାଲନ୍ତୁ ଓ ଟ୍ରଫି ଜିତି ଚାଲନ୍ତୁ । ଏବେ ସେମାନେ ୨୦୩୦, ୨୦୩୧ ଓ ୨୦୩୬ ପର୍ଯ୍ୟନ୍ତ ଲକ୍ଷ୍ୟ ରଖିବା ଆବଶ୍ୟକ ।

## ଗେଲ୍‌ଙ୍କୁ ସର୍ବଶ୍ରେଷ୍ଠ ଟି-୨୦ ଓପନର ବାଛିଲେ ବିରାଟ କୋହଲି

**ନୂଆଦିଲ୍ଲୀ**

କିଏ ସର୍ବଶ୍ରେଷ୍ଠ ଟି-୨୦ ଓପନର ? ଏନେଇ ଏକ ଚମକାଇଲା ଭଳି ମନ୍ତବ୍ୟ ଦେଇଛନ୍ତି ବିରାଟ କୋହଲି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କୋହଲି, ସଚିନ ତେନ୍ଦୁଲକର ଏବଂ ରୋହିତ ଶର୍ମାଙ୍କୁ ପଛରେ ପକାଇ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଖେଳାଳି କ୍ରିସ୍ ଗେଲ୍‌ଙ୍କୁ ଟି-୨୦ ଫର୍ମାଟର ସର୍ବଶ୍ରେଷ୍ଠ ଓପନର ଭାବେ ବାଛିଛନ୍ତି । ଏକ କାର୍ଯ୍ୟକ୍ରମରେ ଯେତେବେଳେ ତାଙ୍କୁ ସଚିନ ଏବଂ ବିରେନ୍ଦ୍ର ସେହ୍ୱାଗଙ୍କ ମଧ୍ୟରୁ ଜଣକୁ ବାଛିବାକୁ କୁହାଯାଇଥିଲା, ସେ ସେହ୍ୱାଗଙ୍କୁ ବାଛିଥିଲେ । ସେହିପରି ଶେଷ ପର୍ଯ୍ୟାୟରେ କ୍ରିସ୍ ଗେଲ୍ ଏବଂ ରୋହିତ ଶର୍ମାଙ୍କ ମଧ୍ୟରୁ ସେ ନିଜର ପୂର୍ବତନ ଆରସିବି ସାଥୀ ଗେଲ୍‌ଙ୍କୁ ହିଁ ଶ୍ରେଷ୍ଠ ବୋଲି କହିଥିଲେ ।

## ଶ୍ରୀରଘୁନାଥ ମହାପ୍ରଭୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସାନଖେମୁଣ୍ଡିର ମୌଳାଭଞ୍ଜା କ୍ରିକେଟ ଟିମ୍ ବିଜୟୀ

**ଦିଗପହଣ୍ଡି**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମରେ ଚାଲିଥିବା ଶ୍ରୀ ରଘୁନାଥ ମହାପ୍ରଭୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗଡ଼ଗୋବିନ୍ଦପୁର ଯୁବକ ସମାଜ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମ କ୍ରିକେଟ ଟିମ୍ ପ୍ରତିପକ୍ଷ ପାତ୍ରପୁର ବ୍ଲକ ଗୁଣ୍ଡୁରା ଗ୍ରାମ କ୍ରିକେଟ ଟିମ୍‌କୁ ପରାଜିତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ।

ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଣ୍ଡୁରା ଗ୍ରାମ କ୍ରିକେଟ ଟିମ୍ ୭ ୱିକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିଥିବା ବେଳେ ମୌଳାଭଞ୍ଜା ଗ୍ରାମ କ୍ରିକେଟ ଟିମ୍ ୭ ୱିକେଟ ବିନିମୟରେ ୧୪୨ ରନ ହାସଲ କରି ବିଜୟୀ ହୋଇଥିଲା । ସୁମନ ବେହେରା ଓ ପପୁ ପ୍ରଧାନ ମ୍ୟାଚରେ ଅମ୍ପାୟରିଂ କରିଥିଲେ । ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି କହିଥିଲେ । ସୁନ୍ଦର ଓ ସୁସ୍ଥତା ପାଇଁ ପ୍ରତ୍ୟେକ ଛାତ୍ର ଓ ଯୁବକ ପ୍ରତିଦିନ ଅନ୍ୟୁନ୍ୟ ୨ ଘଣ୍ଟା ଖେଳିବା କିମ୍ବା ବ୍ୟାୟାମ କରିବା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଇନ୍ଦ୍ର ପ୍ରଧାନ, ଜଗଦୀଶ ସାହୁ, ପ୍ରଦୀପ ପ୍ରଧାନ, ପ୍ରତାପ ସାହୁ, ତାରା ସାହୁ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବୈରାଗୀପାଲିକୁ ହରାଇ ଚାଉଁରପୁର ବିଜୟୀ



**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସନାତନପାଲି କ୍ରିକେଟ କ୍ଲବ ପକ୍ଷରୁ ସନାତନପାଲି ଠାରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଚାଉଁରପୁର ୱିନର ବୈରାଗୀପାଲି ରନର ଭାବେ ବିଜୟୀ ହୋଇଛନ୍ତି । ଗତ ୧୩ ତାରିଖରୁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଘେନୁପାଲି ସରପଞ୍ଚ ଜଗତେଶ୍ୱର ମିର୍ଦ୍ଧା, ଝୁମୁମୁରା ସାଂସଦ ପ୍ରତିନିଧି ପ୍ରମୋଦ କୁମାର ମିଶ୍ର, ସାମାଜିକ କର୍ମୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଓ ଗୁଣନିଧି ପ୍ରଧାନ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହାକୁ ବିରୁପାକ୍ଷ ପ୍ରଧାନ ସଂଯୋଜନା କରିଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ଲିଃର ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ ଓ ସନ୍ତୋଷ ମହାକୁଡ଼ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । କ୍ଲବର ସମସ୍ତ ସଭ୍ୟ ଏହାକୁ ପରିଚାଳନା କରିଥିଲେ ।

# କ୍ରିକେଟ୍ ମହାକୁମ୍ଭ ଟ୍ରଫି ଉନ୍ମୋଚିତ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ବଡ଼ସାହି ବାଲିଆପାଳରେ ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ ଉକ୍ତ ମହାକୁମ୍ଭ ଟ୍ରଫି ହେଉଛି । ପଞ୍ଚାୟତର ସରପଞ୍ଚ ଧ୍ରୁବଜ୍ୟୋତି ଗିରିଙ୍କ ଦ୍ୱାରା କ୍ରିକେଟ୍ ପ୍ରତିଭା ଅନ୍ୱେଷଣ ପାଇଁ ଗଡ଼ସାହି ବାଲିଆପାଳ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେଉଥିବା କ୍ରିକେଟ ମହାକୁମ୍ଭର ଟ୍ରଫି ଉନ୍ମୋଚନ ସମାରୋହ ନୂଆବଜାରସ୍ଥିତ ଭଞ୍ଜଶ୍ରୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରିକେଟ୍ ମହାମହାକୁମ୍ଭରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୩୬ଟି ପଞ୍ଚାୟତର କ୍ରିକେଟ୍ ଟିମ୍ ଭାଗ ନେବେ । ଟ୍ରଫି ଉନ୍ମୋଚନ ସମାରୋହ ଅବସରରେ ପାଇକସିଦା ପଞ୍ଚାୟତର କେଶପୁରା ହାଟ ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ଆରମ୍ଭ ହେବା ସମୟରେ ପାଇକସିଦା ସରପଞ୍ଚ ସରସ୍ୱତୀ ସେଠୀ ପତାକା ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ଉକ୍ତ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରି ଜଳେଶ୍ୱର ଭଞ୍ଜଶ୍ରୀ ବିହାର ନୂଆବଜାର ପହଞ୍ଚିଥିଲେ । ପରିକ୍ରମା କରି ନୂଆବଜାର ଭଞ୍ଜଶ୍ରୀ ବିହାରରେ ଏକ ସଭା ଆୟୋଜନ କରି ସରପଞ୍ଚ ଧ୍ରୁବଜ୍ୟୋତି ଗିରି ଟ୍ରଫି ଉନ୍ମୋଚନ କରିଥିଲେ । ଏହି ସମାରୋହରେ ଯୁବନେତା ଗୌତମ ପାତ୍ର, ଗୌରାଙ୍ଗ ବେହେରା, ବିଭିନ୍ନ ଟିମ୍‌ର ଅଧିନାୟ ଓ ଉପ ଅଧିନାୟକ ତଥା ଶତାଧିକ ଖେଳାଳି ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟ ୨୫ ତାରିଖରେ ଶେଷ ହେବ ।

# ଫିଫାର ଚିନ୍ତା ବଢ଼ାଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ

**ନୂଆଦିଲ୍ଲୀ**

ବିଶ୍ୱର ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଫିଫା ଫୁଟବଲ ବିଶ୍ୱକପ-୨୦୨୬ ଆସନ୍ତା ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ କାନାଡ଼ା, ମେକ୍ସିକୋ ଓ ଆମେରିକାରେ ଖେଳାଯିବ । ପ୍ରତିଯୋଗିତା ଆଉ ୩ ମାସରୁ କମ୍ ସମୟ ରହିଛି । ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଫିଫା ଚିନ୍ତାରେ ପଡ଼ିଛି । ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ ଇରାନର ପ୍ରତି ଆକ୍ରମଣ ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସୃଷ୍ଟି କରିଛି । ଯଦି ଯୁଦ୍ଧ ଏଭଳି ଆଉ କିଛି ଦିନ ଲାଗି ରହେ ତେବେ ପ୍ରତିଯୋଗିତା ଉପରେ ଏହାର ପ୍ରଭାବ ପକାଇବା ନେଇ ଆଶଙ୍କା କରାଯାଉଛି । କାରଣ ଆମେରିକା ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ରହିଛି । ଆମେରିକା ଯୁଦ୍ଧରେ ପ୍ରତ୍ୟକ୍ଷ




ଭାବେ ଜଡିତ ରହିଥିବାରୁ ଫିଫା ବିଶ୍ୱକପର ପ୍ରଭାବ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି ।

ପ୍ରଥମ ଥର ପାଇଁ ଫିଫା ବିଶ୍ୱକପରେ ୪୮ଟି ଦଳ ଅଂଶଗ୍ରହଣ କରିବେ । ପୂର୍ବରୁ ୩୨ଟି ଦଳ ଅଂଶଗ୍ରହଣ କରୁଥିଲେ । ଏଥର ୧୬ଟି ଦଳ ବୃଦ୍ଧି ପାଇଛି । ଫଳରେ ମ୍ୟାଚ୍ ସଂଖ୍ୟା ବଢିଛି । ପ୍ରସ୍ତୁତି ବି ପୂର୍ବାପେକ୍ଷା ଅଧିକ ହେଉଛି । ଆମେରିକା ଭେନ୍ୟୁର ମ୍ୟାଚ୍‌ଗୁଡ଼ିକ ଉତ୍ତର ଆମେରିକାର ୧୧ଟି ସ୍ଥାନରେ ଖେଳାଯିବ । ଏହାଛଡ଼ା କାନାଡାର ୨ଟି ଓ ମେକ୍ସିକୋର ୩ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ । ଏବେ ଫିଫା ପ୍ରତିନିଧି ପ୍ରତିଯୋଗିତା ନେଇ ପ୍ରସ୍ତୁତି ସମୀକ୍ଷା ପାଇଁ ଆମେରିକା ଯିବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି । ଫିଫା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ହେମୋ ଚିର୍ଗି କହିଛନ୍ତି ଯେ, ପରିସ୍ଥିତି ଉପରେ ଫିଫା ନଜର ରଖିଛି । ଯୁଦ୍ଧ ଲାଗି ରହିଲେ ଏହାର ପ୍ରଭାବ ପ୍ରସ୍ତୁତି ଉପରେ ପଡ଼ିବାର ମଧ୍ୟ ସମ୍ଭାବନା ରହିଛି । ସବୁ ଦିଗ ଉପରେ ଫିଫା ନଜର ରଖିଛି । ଆବଶ୍ୟକ ପଡ଼ିଲେ ଉକ୍ତ ପ୍ରତିଯୋଗିତା ଆଉ କିଛିଦିନ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚିର୍ଗି କହିଛନ୍ତି । ଅନ୍ୟ କ୍ରୀଡ଼ାଠାରୁ ବିଶ୍ୱକପ ଭଳି ପ୍ରତିଯୋଗିତା ଆୟୋଜନ କରିବା ସବୁଠାରୁ ବଡ଼ ଆହ୍ୱାନ ।

ଫିଫା ଅଧିକାରୀ ଆୟୋଜକ ଦେଶମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି । ସହ ଚିର୍ଗି କହିଛନ୍ତି । ଇରାନ ପ୍ରତି-ଯୋଗିତା ଲାଗି ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ଏଥିରୁ ଓହରି ଯିବାକୁ ଘୋଷଣା କରିଛି । ଏହାକୁ ମଧ୍ୟ ଫିଫା ଗୁରୁତର ସହିତ ନେଇଛି । ଇରାନ ଫୁଟବଲ ଫେଡେରେସନ ସହ ଫିଫା ଯୋଗାଯୋଗରେ ରହିଛି ବୋଲି ଚିର୍ଗି କହିଛନ୍ତି ।

# ରନ୍ଧନ ଗ୍ୟାସ୍-ପେଟ୍ରୋଲ-ଡିଜେଲର ଯୋଗାଣ ବ୍ୟବସ୍ଥାର ସମୀକ୍ଷା କଲେ ଜିଲ୍ଲାପାଳ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ଲିକୁଇଫାଇଡ୍ ପେଟ୍ରୋଲିୟମ ଗ୍ୟାସ୍ (ଏଲପିଜି), ପେଟ୍ରୋଲ ଏବଂ ଡିଜେଲ୍ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲା ସ୍ତରୀୟ ନିରୀକ୍ଷଣ କମିଟିର ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରି ଜିଲ୍ଲାରେ ପେଟ୍ରୋଲିୟମ ଗ୍ୟାସ୍, ଡିଜେଲ ଏବଂ ପେଟ୍ରୋଲର ଉପଲବ୍ଧତା, ଯୋଗାଣ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ଏଲପିଜି ଏଜେନ୍ସି ଓ ପେଟ୍ରୋଲ ପମ୍ପଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମୀକ୍ଷା କରିଥିଲେ । ସାଧାରଣ ଲୋକମାନଙ୍କୁ କୌଣସି ଅସୁବିଧା ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧତା ରଖି ସମୟୋପଯୁକ୍ତ ଭାବେ ଇନ୍ଧନ ବଣ୍ଟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେଥିପାଇଁ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ କଠୋର ନିରୀକ୍ଷଣ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଜିଲ୍ଲାପାଳ ସମସ୍ତ ରନ୍ଧନ ଗ୍ୟାସ୍ ଓ ତୈଳ ଯୋଗାଣ କମ୍ପାନୀର ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାରେ ଉପଲବ୍ଧ ପେଟ୍ରୋଲ ଡିଜେଲ ଏବଂ ଏଲପିଜି ଗ୍ୟାସର ଆବଶ୍ୟକତା ତଥା ଉପଲବ୍ଧତା ବିଷୟରେ ସମୀକ୍ଷା କରିବା ପରେ




ଖାଉଟିମାନେ ଅଯଥା ପାନିକ ବୁକିଂ ନକରିବାକୁ ପରାମର୍ଶ ଦେଇ କହିଥିଲେ ଯେ, ଜିଲ୍ଲାର ଆବଶ୍ୟକତା ଅନୁଯାଇ ରନ୍ଧନ ଗ୍ୟାସ ତଥା ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି, ତେଣୁ ଖାଉଟିମାନେ ଅଯଥା ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ । କଳାବଜାରୀ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ମନିଟରିଂ କମିଟି, ଦୁଇଟି ଉପଖଣ୍ଡ ସ୍ତରରେ ଟାସ୍କ ଫୋର୍ସ ସ୍କ୍ୱାର୍ଡ ଗଠନ ସହ ପ୍ରତି ବ୍ଲକ ସ୍ତରରେ ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କଳାବଜାରୀରେ ଲିପ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାଇ କଠୋର ଦଣ୍ଡରେ ଦଣ୍ଡିତ କରାଯିବ ।

ଏହା ସହ ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ହେଲ୍ପ ଲାଇନ ନମ୍ବର ୦୬୬୪୬-୨୩୩୦୩୩ ଜାରି କରାଯାଇଛି । ଆବଶ୍ୟକ ସ୍ଥଳେ ଖାଉଟି ମନେ ଏହି ହେଲ୍ପ ଲାଇନ ନମ୍ବର କମ୍ବା ଜିଲ୍ଲାର ସମସ୍ତ ତୈଳ ଯୋଗାଣ କମ୍ପାନୀର ଅଧିକାରୀ ତଥା ଏଚପିସିଏଲ୍ ଯୋଗାଣ ଅଧିକାରୀ (୮୩୫୬୮୪୫୭୮୯) ବିପିସିଏଲ୍ ଯୋଗାଣ ଅଧିକାରୀ (୯୯୩୮୦୬୦୭୮୫) ଏବଂ ଆଇଓସିଏଲ୍ ଯୋଗାଣ ଅଧିକାରୀ (୮୨୪୯୧୪୧୫୫୪)ଙ୍କୁ ଯୋଗାଯୋଗ କରି ଜିଲ୍ଲାପାଳ ଅନରୋଧ କରିଛନ୍ତି ।

ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହାଙ୍କ ସମେତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲିଗାଲ ମେଟ୍ରୋଲୋଜିର ଯୁଗ୍ମ ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

# ବିନା ସୂଚନା ଫଳକରେ ଚାଲିଛି କାମ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ବନ୍ୟା ବିଭୀଷିକାରୁ ମୁକ୍ତି ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ମାତ୍ର ଧାମନଗର ଜଳସେଚନ ବିଭାଗର କିଛି ଅଧିକାରୀ ଓ ଲାଭଖୋର ଠିକାଦାରଙ୍କ ପାଇଁ ଏହା ଏବେ 'ଦୁର୍ନୀତିର ଚରାଭୂଇଁ' ପାଲଟିଛି । ଫଳପୁର କଣ୍ଡିଆ ନଦୀର ବେଲଗଣ୍ଡ ଠାରେ ଚାଲିଥିବା ପଥର ଚଟାଣ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦିଆଯାଇ କେବଳ ପକେଟ୍ ଗରମ କରିବାର ଅଭିସନ୍ଧି ରଖାଯାଇଛି । ସରକାରୀ ନିୟମ ଅନୁଯାୟୀ, ଅନ୍ୟ ସ୍ଥାନରୁ ମାଟି ଆଣି ବନ୍ଧ ପ୍ରସ୍ତୁତ ପୂର୍ବକ ପଥର ଚଟାଣ କରାଯିବାର ବିଧି ରହିଛି । କିନ୍ତୁ ଏଠାରେ ନଦୀ କୂଳରୁ ହିଁ ମାଟି ଖୋଳି ବନ୍ଧରେ ମାଟି ପକାଯାଉଛି । ଫଳରେ ନଦୀ ବନ୍ଧ



ନିର୍ମାଣ ନୁହେଁ, ବରଂ ନଦୀର ସୁରକ୍ଷା ବଳୟକୁ ଅତି ଦୁର୍ବଳ କରାଯାଉଛି । ପ୍ରଥମ ବନ୍ୟା ବନ୍ଧ ଧୋଇଯିବା ଏକ ପ୍ରକାର ନିଶ୍ଚିତ । ପ୍ରକଳ୍ପର ମୂଲ୍ୟ କେତେ ? କାର୍ଯ୍ୟର ସ୍ଥାୟିତ୍ୱ କେତେ ଦିନ ? ଏହା ଜାଣିବାର ଅଧିକାର ଜନସାଧାରଣଙ୍କର ରହିଛି । ମାତ୍ର ଦୁର୍ନୀତିର ଗନ୍ଧ ଯେମିତି ବାହାରକୁ ନଆସୁ, ସେଥିପାଇଁ ସୂଚନା ଫଳକକୁ ଜାଣିଶୁଣି ଠିକାଦାର କାର୍ଯ୍ୟ ସ୍ଥଳରେ ଲଗାଇ ନାହାନ୍ତି । କାର୍ଯ୍ୟସ୍ଥଳରେ ନା ଅଛନ୍ତି ଯନ୍ତ୍ରୀ, ନା ଦେଖା ମିଳୁଛି ଠିକାଦାରଙ୍କର । କେବଳ ଶ୍ରମିକଙ୍କ ଭରସାରେ କୋଟିଏ ଟଙ୍କାର କାମ ଚାଲିବା କେଉଁ ପ୍ରକାର ଶାସନ ବୋଲି ପ୍ରଶ୍ନ ଉଠୁଛି । ବେଲଗଣ୍ଡ ରୁ ବନ୍ୟା ଜଳ ମାଡ଼ିଆସିଲେ ଭଟସାହୀ, କୋଠାର ଓ ବୟାଗଡ଼ିହି ଭଳି ପଞ୍ଚାୟତର ଚାଷୀ କୂଳ ହାହାକାର କରନ୍ତି । ଲୋକଙ୍କ ଘରଦ୍ୱାର ଓ ରାସ୍ତାଘାଟ ନଷ୍ଟ ହୁଏ । ସରକାର ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ବିଭାଗୀୟ ଦୂରଦୃଷ୍ଟିର ଅଭାବ ଓ ଅସାଧୁ ବ୍ୟକ୍ତିଙ୍କ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଲୋକେ ବଳି ପଡ଼ିବାକୁ ଯାଉଛନ୍ତି । ଏ ସମ୍ପର୍କରେ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ ଏହାକୁ 'ସାଧାରଣ ପ୍ରକ୍ରିୟା' କହି ଏଡ଼ାଇ ଯାଉଥିବା ବେଳେ, ବନ୍ୟା ପରେ ପୁଣି କାମ ହେବ ବୋଲି କହିଛନ୍ତି । ଯଦି ବିଭାଗୀୟ ଅଧିକାରି ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନକରନ୍ତି, ତେବେ କୋଟିଏ ଟଙ୍କାର ସରକାରୀ ପାଣ୍ଠି ପାଣିରେ ପଡ଼ିବ ଏବଂ ହଜାର ହଜାର ଚାଷୀ ସର୍ବସ୍ୱାନ୍ତ ହେବେ ।

# ଲୋକଶକ୍ତି ଅଭିଯାନ ପରିକ୍ରମା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ୍ ସ୍ଥିତ ସୁବଳୟା ଗ୍ରାମ ପଞ୍ଚାୟତ ତରଫରୁ ସ୍ଥାନୀୟ ବାଲି ବଗଡ଼ ଗ୍ରାମ ଠାରେ ପରିବେଶ ନ୍ୟାୟିକ ସୁରକ୍ଷା ରାଷ୍ଟ୍ରୀୟ ସମନ୍ୱୟ ମଞ୍ଚ,ଓଡ଼ିଶା ଲୋକଶକ୍ତି ଅଭିଯାନ ରଥକୁ ପଥପ୍ରାନ୍ତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଏହି ପରିକ୍ରମା ରଥକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଶିକ୍ଷାବିତ୍ ବାନାମ୍ବର ପଲେଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଦନ୍ତପୁର ଐତିହ୍ୟ ସଂସ୍କୃତି ଗବେଷଣା ପରିଷଦ ଆବାହକ ଅଶୋକ ସାହୁ, ସୁବଳୟା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ କେଦାର ନାଥ ସ୍ୱାଇଁ, ନାଏବ ସରପଞ୍ଚ ରାକେଶ କୁମାର



ସାହୁ,ଆଇନଜୀବୀ କୁଶ ବେହେରା,ବାଲି ବଗଡ଼ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟା ସମେତ ଗ୍ରାମ ପ୍ରତିନିଧି ବର୍ଗ ଯୋଗ ଦେଇଥିଲେ । ଉକ୍ତ ଅଭିଯାନ ଦଳର ନେତୃତ୍ୱ ନେଉଛନ୍ତି ଗ୍ରୀନ ନୋବଲ ବିଜେତା ଓଡ଼ିଶାର ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସହ ଆଦିବାସୀ ଜଙ୍ଗଲ ଅଧିକାର ନେତା ନାଚିକା ଲିଙ୍ଗା, ଡ ବିଶ୍ୱଜିତ୍‌ଙ୍କ ସମେତ ଓଡ଼ିଶା ଜଳ, ଜମି, ଜଙ୍ଗଲ ସୁରକ୍ଷା ପାଇଁ ସଂକଳ୍ପ ନେଇଥିବା ପରିବେଶ ସୁରକ୍ଷା କର୍ମୀ ଏଥିରେ ଯୋଗ ଦେଇ ଜନ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କ ଅନୁଭୂତି ବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମ ଗତ ଫେବୃଆରୀ ୨୫ ତାରିଖରୁ ମଧୁବାବୁଙ୍କ ଜନ୍ମସ୍ଥାନ କଟକ ସତ୍ୟଭାମାପୁର ଠାରୁ ଆରମ୍ଭ ହୋଇ ଆସନ୍ତା ମାର୍ଚ୍ଚ ୨୯ ତାରିଖ ରେ ସହିଦ୍ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସରେ ସମାପ୍ତ କରିବା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିବା ପ୍ରକାଶ କରିଥିଲେ । ଏହି ପଥ ପ୍ରାନ୍ତ ସଭାରେ ସ୍ୱେଚ୍ଛାସେବୀ ବାନମ୍ବର ନାୟକ, କୈଳାସ ନାୟକ, ସି.ଏଚ. ବାବାଜୀ, ସୁଶାନ୍ତ ବିଶ୍ୱାଳ, କାମରାଜୁ ରେଡ୍ଡୀ,ଶାନ୍ତନୁ ନାୟକ,ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ସୁଭଦ୍ରା ଶକ୍ତିମେଳା : ୫୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନ, ବୌଦ୍ଧଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆଠାରେ ଗତ ୬ ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଡନ ବସ୍କୋ, ବୌଦ୍ଧ ସିଡିପିଓ ୱାହିଦା ବେଗମ, ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ର, ଜିଲ୍ଲା ପରିଯୋଜନା ଅଧିକାରୀ ରୀନା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ସଙ୍ଗୀତାୟନ ଏହି ଅବସରରେ ଡିପିସି ମିଶନଶକ୍ତି ରଶ୍ମିରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ ସମସ୍ତଙ୍କୁ ଧନ୍ୟବାଦ




ପ୍ରଦାନ କରିଥିଲେ । ମୋଟ ୧୨୦ଟି ଷ୍ଟଲ ଖୋଲାଯାଇଥିଲା । ଲକ୍ଷପତି ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଡେମୋ ଷ୍ଟଲ ଖୋଲାଯାଇଥିଲା । ସୁଭଦ୍ରା ମେଳା ଉପଲକ୍ଷେ ୧୧ ମାର୍ଚ୍ଚ ପର୍ଯ୍ୟନ୍ତ ୫୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିପାରିଥିବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥି ବୃନ୍ଦ ନିଜ ନିଜ ବକ୍ତବ୍ୟରେ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିଥି ବୃନ୍ଦ ଏବଂ ସୁଭଦ୍ରା ମାଆମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗୀତାୟନ, ବୌଦ୍ଧ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପରେ ପରେ ନଟରାଜ କଳାମନ୍ଦିର, ଫୁଲବାଣୀର କଳାକାରମାନେ ଓଡ଼ିଶୀ ନୃତ୍ୟ, ସଂଗୀତ ସାଧନା, ଲୋଇସିଂହା, ଜିଲ୍ଲା ଧାର୍ମିକ, ସାଂସ୍କୃତିକ ଓ ସେବା ମହାସଂଘ, ବୌଦ୍ଧ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ପରେ ପରେ ଅର୍ଚ୍ଚନା ପାଢ଼ୀ ମେଲୋଡିର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବନ୍ଦେ ମାତରଂ ସଂଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ଶ୍ରେଷ୍ଠ କୃଷି ଉତ୍ପାଦକ ବର୍ଗରେ ଶ୍ରେଷ୍ଠ ବିକ୍ରି ପାଇଁ ଆମ ଘର ପିଜି ପ୍ରଥମ, ଅଣ କୃଷି ଉତ୍ପାଦକ ବର୍ଗରେ ଲକ୍ଷ୍ମୀନାରାୟଣ ଟସର ହ୍ୟାଣ୍ଡଲୁମ୍, ଶ୍ରେଷ୍ଠ ପ୍ୟାକେଜିଂ ଲେବେଲିଂ ଓ ପ୍ରଦର୍ଶନ ବର୍ଗରେ ନାରୀ ସମୃଦ୍ଧି ପି.ଜି ମନମୁଣ୍ଡା ବୌଦ୍ଧ, ଶ୍ରେଷ୍ଠ ଗ୍ରାହକ ଆଚରଣ ଓ ଉତ୍ପାଦ ବର୍ଣ୍ଣନା ବର୍ଗରେ କରଶ୍ୱେର ସ୍ୱୟଂ ସହାୟିକା ଗୋଷ୍ଠୀ, ଜଗତସିଂହପୁର, ଶ୍ରେଷ୍ଠ ଗୋଷ୍ଠୀ ଉତ୍ପାଦରେ ସର୍ବଶ୍ରେଷ୍ଠ ଉଦ୍ଭାବନ ବର୍ଗରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବ ଶ୍ରେଷ୍ଠ ଷ୍ଟଲ ଓ ସାମଗ୍ରିକ ପ୍ରଦର୍ଶନ ବର୍ଗରେ ଗାୟତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ନିମାପଡ଼ା, ପୁରୀକୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟିକା ଦଳକୁ ଯଥାକ୍ରମେ କୋଡିଏ ହଜାର, ପନ୍ଦର ହଜାର ଓ ଦଶ ହଜାର ଟଙ୍କାର ଚେକ ସହ ସର୍ବମୋଟ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ନବକିଶୋର ଦୀପ, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସାହୁ ଏବଂ ଶୁଭଲକ୍ଷ୍ମୀ ମୁଦୁଲି ପରିଚାଳନା କରିଥିଲେ ।





ଓଡ଼ିଶା ପୋଲିସ୍ ଏବଂ ୟୁନିସେଫର ମିଳିତ ପ୍ରୟାସ

# 'ଜୁଭେନଟିକା – ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଆଲୋଚନାଚକ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପୋଲିସ୍ ଏବଂ ୟୁନିସେଫ୍ର ମିଳିତ ସହଯୋଗରେ 'ଜୁଭେନଟିକା – ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ୍ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୋଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ, ସେନେଇ ଆଲୋଚନା କରାଯାଇଥିଲା ।



ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ସେ ସୂଚନା ଦେଇଥିଲେ ଯେ, ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଥାନା ପ୍ରତିଷ୍ଠା କରାଯାଇଛି ଏବଂ ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିଯୋଜିତ କରାଯାଉଛି । ଏଥିସହିତ ୭୧ଟି ପୋଲିସ୍ ଷ୍ଟେସନରେ 'ଶିଶୁ ଅନୁକୂଳ ସ୍ଥାନର ଉନ୍ନତିକରଣ କରାଯାଇଛି ଏବଂ ଆଗାମୀ ଦିନରେ ଓଡ଼ିଶା ପୋଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ଡିଜିଟାଲ୍ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ୍ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ, ସେନେଇ ଆଲୋଚନା କରାଯାଇଥିଲା । କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଥିଲେ, ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନରୁ ବୃଦ୍ଧି ପାଇ ୨୦୨୧ରେ ୮୪୫ ମିଲିୟନରେ ପହଞ୍ଚିଛି । ସାଇବର ୱିଙ୍ଗର 'ଚିଲଡ୍ରେନ୍ ଆଣ୍ଡ ୱିମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍' ପକ୍ଷରୁ ଅନଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଶାଇନି ଏସ୍. ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଶିଶୁମାନଙ୍କର ସ୍ୱର ଏବଂ ଡିଜିଟାଲ୍ ଶିକ୍ଷା ୟୁନିସେଫ୍ ଓଡ଼ିଶା ମୁଖ୍ୟ ପ୍ରଶାନ୍ତ କୁମାର ଦାଶ କହିଥିଲେ, "ଶିଶୁମାନେ ଡିଜିଟାଲ୍ ଦୁନିଆର କେବଳ ନିଷ୍କ୍ରିୟ ବ୍ୟବହାରକାରୀ ନୁହଁନ୍ତି, ସେମାନେ ହେଉଛନ୍ତି ଶିକ୍ଷାର୍ଥୀ ଓ ସ୍ରଷ୍ଟା; ତେଣୁ ଡିଜିଟାଲ୍ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ସେମାନଙ୍କ ସ୍ୱର ରହିବା ଆବଶ୍ୟକ" । ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କ ସହ ଆଲୋଚନା କରାଯାଇଥିଲା, ଯେଉଁଠାରେ ସୋସିଆଲ ମିଡିଆ ଟ୍ରେଣ୍ଡ କିପରି କିଶୋର କିଶୋରୀଙ୍କ ଆଚରଣକୁ ପ୍ରଭାବିତ କରୁଛି ସେ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚନା ଚକ୍ରରେରେ ଶିଶୁମାନଙ୍କ ଡିଜିଟାଲ୍ ସୁରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା। ଓଡ଼ିଶା ପୋଲିସ୍ ତରଫରୁ 'ରକ୍ଷା ସାଥୀ' ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏବଂ ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀ ମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଆରମ୍ଭ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠ୍ୟକ୍ରମରେ ଡିଜିଟାଲ୍ ନିରାପତ୍ତା ଶିକ୍ଷା ଏବଂ 'ଡିଜିଟାଲ୍ ହାଇଜିନ୍ ଓ ସାଇକୋ-ସୋସିଆଲ୍ ଫାଷ୍ଟ ଏଡ୍'ଅନ୍ତର୍ଭୁକ୍ତ କରାଯିବ । ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ପୋଲିସ୍ ଏବଂ ଗଣ ଶିକ୍ଷା ବିଭାଗ ମିଳିତ ଭାବେ ଅଭିଭାବକ-ଶିକ୍ଷକ ବୈଠକ ରେ ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀମାନଙ୍କ ଅଂଶଗ୍ରହଣ ନିଶ୍ଚିତ କରିବେ । ଏଥିପାଇଁ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା ।

# ପୋର୍ଟ-ଲେଡ୍ ଅର୍ବାନାଇଜେସନ୍ ମାଧ୍ୟମରେ ଉପକୂଳ ଆଧାରିତ ଅର୍ଥନୀତିକୁ ନୂତନ ଦିଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢୀ ଭୁବନେଶ୍ୱରରେ ଆୟୋଜିତ ଗ୍ଲୋବାଲ୍ ବ୍ଲୁ ଇକୋନୋମି ସମିଟ୍-୨୦୨୬ ଅବସରରେ ଓଡ଼ିଶାର ନୀଳ ଅର୍ଥନୀତିର ଗତିବିକାଶ ପାଇଁ ଏକ ଦୂରଦୃଷ୍ଟିମୟ ରୋଡମ୍ୟାପ୍ ଉନ୍ମୋଚନ କରିଛନ୍ତି । ଏହା ମାଧ୍ୟମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ନବସୃଜନ ଓ ଉପକୂଳବର୍ତ୍ତୀ ଅଂଚଳର ସମୃଦ୍ଧିକୁ ନୂତନ ଗତି ଦେବା ଲକ୍ଷ୍ୟ ରହିଛି । ରାଜ୍ୟର ୪୮୦ କିଲୋମିଟରରୁ ଅଧିକ ଦୀର୍ଘ ଉପକୂଳରେଖା ଓଡ଼ିଶାକୁ ବ୍ଲୁ ଇକୋନୋମି କ୍ଷେତ୍ରରେ ବିଶେଷ ରଣନୈତିକ ସୁବିଧା ପ୍ରଦାନ କରୁଥିବା କଥା ଉଲ୍ଲେଖ କରି ଶ୍ରୀମତୀ ପାଢୀ କହିଥିଲେ ଯେ, ଏହି ସମ୍ଭାବନାକୁ ସ୍ଥାୟୀ ଓ ପରିବେଶ-ସମନ୍ୱିତ ଉନ୍ନୟନରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ରୋଡମ୍ୟାପ୍ର କେନ୍ଦ୍ରବିନ୍ଦୁ ହେଉଛି 'ପୋର୍ଟ-ଲେଡ୍ ଅର୍ବାନାଇଜେସନ୍' ରଣନୀତି। ଏହା ଅନୁଯାୟୀ ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରକୁ କେନ୍ଦ୍ର କରି ବ୍ଲୁ ଇକୋନୋମି ଇଣ୍ଡଷ୍ଟ୍ରିଆଲ୍ ହବ୍ ଗଢ଼ିଉଠିବ, ଯାହା ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଗ୍ରୀନ୍ ସିପିଂ ଓ କୃତ୍ରିମ ବୁଦ୍ଧିମତା ଆଧାରିତ ସାମୁଦ୍ରିକ ପରିଚାଳନା ଭଳି ଉଦୀୟମାନ କ୍ଷେତ୍ରରେ ନିବେଶ ଓ ନବସୃଜନକୁ ଉତ୍ସାହିତ କରିବ। ସେ କହିଥିଲେ ଯେ, ଡିଜିଟାଲ୍ ରୂପାନ୍ତରଣ, ଶିଳ୍ପ ଦକ୍ଷତା ବୃଦ୍ଧି ଓ ବ୍ୟବସାୟ କରିବାର ସହଜତା ଉଦ୍ୟମ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀ ଓ ଷ୍ଟାର୍ଟଅପ୍ ମାନଙ୍କ ପାଇଁ ଆକର୍ଷଣୀୟ ଗନ୍ତବ୍ୟରେ ପରିଣତ କରାଯାଉଛି। ସମାବେଶୀ ବିକାଶକୁ ଗୁରୁତ୍ୱ ଦେଇ ସେ ଉଲ୍ଲେଖ କରିଥିଲେ ଯେ, ନୀଳ ଅର୍ଥନୀତିର ବିକାଶ ସହିତ ଉପକୂଳ ପରିବେଶ ସୁରକ୍ଷା ଓ ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା, ସି-ଉଇଡ୍ ଚାଷ ଓ ପରିବେଶ-ଅନୁକୂଳ ସାମୁଦ୍ରିକ ପର୍ଯ୍ୟଟନକୁ ଏହି ରଣନୀତିର ପ୍ରମୁଖ ଅଂଶ ଭାବେ ଚିହ୍ନଟ କରାଯାଇଛି। ଶ୍ରୀମତୀ ପାଢୀ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଓ ଆଧୁନିକ ନବସୃଜନର ସମନ୍ୱୟ ମାଧ୍ୟମରେ ରାଜ୍ୟ ଭବିଷ୍ୟତରେ ସ୍ଥାୟୀ ସାମୁଦ୍ରିକ ଶାସନ ଓ ବ୍ଲୁ ଇକୋନୋମି କ୍ଷେତ୍ରରେ ଜାତୀୟ ଓ ବିଶ୍ୱସ୍ତରୀୟ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ।

# ଦଳୀୟ ବୈଠକରେ ଅନୁପସ୍ଥିତି ନେଇ ଦୁଇ ବିଜେଡି ବିଧାୟକଙ୍କୁ ସୋ-କଜ୍ ନୋଟିସ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦଳୀୟ ହ୍ୱିପ୍ ସତ୍ତ୍ୱେ ବୈଠକରେ ଅନୁପସ୍ଥିତ ଥିବା ଅଭିଯୋଗରେ ବିଜୁ ଜନତା ଦଳ (ବିଜେଡି) ଦୁଇ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଏହି ସୋ-କଜ୍ ନୋଟିସ୍ ଜାରି କରାଯାଇଛି।
ନୋଟିସ୍ ପାଇଥିବା ବିଧାୟକମାନେ ହେଲେ ଚକ୍ରମଣି କହଁର ଓ ନବ କିଶୋର ମଲ୍ଲିକ । ଦଳୀୟ ସୂଚନା ଅନୁସାରେ, ଦଳର ହ୍ୱିପ୍ ଜାରି ହେବା ସତ୍ତ୍ୱେ ସେମାନେ ଗତ ତିନି ଦିନ ଧରି ଆୟୋଜିତ ଦଳୀୟ ବୈଠକରେ ଅନୁପସ୍ଥିତ ରହିଥିଲେ।
ଏହି ପରିପ୍ରେକ୍ଷୀରେ ଦୁଇ ବିଧାୟକଙ୍କୁ ରବିବାର ରାତି ୯ଟା ମଧ୍ୟରେ ନବୀନ ନିବାସରେ ଉପସ୍ଥିତ ହୋଇ ନିଜ ଅନୁପସ୍ଥିତି ସମ୍ପର୍କରେ ସପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଦଳୀୟ ଶୃଙ୍ଖଳା ରକ୍ଷା ପାଇଁ ବିଜେଡି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି।

# ଆମେରିକା-ଇରାନ ଯୁଦ୍ଧରେ ନିହତ ହୋଇଛନ୍ତି ୫ ଭାରତୀୟ, ଜଣଙ୍କର ମିଳୁନି ପତ୍ତା

**ତେହେରାନ :**

ମଧ୍ୟପ୍ରାଚ୍ୟରେ ଲାଗି ରହିଛି ଯୁଦ୍ଧ । ଏଥି ଯୋଗୁ ଏପର୍ଯ୍ୟନ୍ତ ୫ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ନିଖୋଜ ଅଛନ୍ତି । ନିଖୋଜ ଭାରତୀୟଙ୍କୁ ଠାବ କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଉପସାଗରୀୟ) ଅସୀମ ମହାଜନ ଏହି ସୂଚନା ଦେଇଛନ୍ତି। ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରେ ସେ କହିଛନ୍ତି ଯେ ପୂର୍ବରୁ ଘଟିଥିବା ବିଭିନ୍ନ ଘଟଣାରେ ଏହି ଭାରତୀୟଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମୃତଦେହ ସ୍ୱଦେଶ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି । ନିଖୋଜ ଭାରତୀୟଙ୍କୁ ଠାବ କରିବା ଲାଗି ଓମାନ, ୟୁଏଇ ଓ ଇରାକରେ ଥିବା ଦୂତାବାସ ପକ୍ଷରୁ ସେଠାକାର ସରକାରଙ୍କ ସହ ନିୟମିତ ଯୋଗାଯୋଗ କରାଯାଉଛି । ସେହିପରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଫସିରହିଥିବା ଭାରତୀୟଙ୍କ ସୁରକ୍ଷା ପ୍ରତି ମଧ୍ୟ ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ବିଦେଶ ମନ୍ତ୍ରଣାଳୟ ଏବଂ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରଣାଳୟ ମିଳିତ ଭାବେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ବାହାରିନ ଓ କୁଏତରୁ କୌଣସି ବିମାନ ଚଳାଚଳ କରୁନାହିଁ। ତେଣୁ ସେଠାରେ ରହିଥିବା ଭାରତୀୟଙ୍କ ଭିସା ସମୟ ସୀମା ବଢ଼ାଯାଇଛି । ଇରାନ ପଡୋଶୀ ଦେଶରେ ଥିବା ଆମେରିକାର ବେସକୁ ଟାର୍ଗେଟ୍ କରୁଛି । ଯାହାକୁ ନେଇ ଖୁସି ନାହିଁ ହମାସ । ହମାସ ନିଜ ବୟାନରେ କହିଛି ଯେ, ଅନ୍ତର୍ଜାତୀୟ ମାନଦଣ୍ଡ ଓ ଆଇନ ଅନୁସାରେ, ଇରାନ ନିଜର ପଡ଼ୋଶୀ ଦେଶକୁ ଟାର୍ଗେଟ୍ ନ କରୁ। ନିକଟରେ ହମାସ ଇରାନ ସର୍ବୋଚ୍ଚ ନେତା ଅଲୀ ଖାମେନିଙ୍କ ହତ୍ୟାକୁ ଦୃଢ ନିନ୍ଦା କରିଥିଲା। ଆମେରିକା ଓ ଇସ୍ରାଏଲର ମିଳିତ ଅପରେସନରେ ଖାମେନିଙ୍କ ମୃତ୍ୟୁ ଘଟିଛି। ହମାସ କହିଛି ଏହା ଏକ ଘୃଣ୍ୟ କାମ। ଖାମେନି ସର୍ବଦା ପାଲେଷ୍ଟାଇନର ସମର୍ଥନ କରି ଆସିଥିଲେ। ସେ ରାଜନୈତିକ ହେଉ କି କୂଟନୈତିକ ଅବା ସାମରିକ ଖାମେନି ଆମ ଲୋକଙ୍କୁ ସବୁ ପ୍ରକାରର ସହାୟତ ଦେଉଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାରାଦୀପକୁ ଦେଶର ...

ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶାର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ।

ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସଡବ୍ଲୁ, ଏଏମଏନ୍ଏସ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଜି ରାଜ୍ୟସଭା ...

ରାଜ୍ୟସଭା ନିର୍ବାଚନରେ ଶାସକ ବିଜେପିର ପ୍ରଭାବ ଅଧିକ ରହୁଥିବା ଚର୍ଚ୍ଚା ହେଉଛି। ଶନିବାର ସନ୍ଧ୍ୟାରେ ବିଜେପି ବିଧାୟକମାନେ ରାଜ୍ୟ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ରବିବାର ପାରାଦୀପରେ ବିଧାୟକଙ୍କ ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ଆଲୋଚନା କରିଛନ୍ତି।

ଅନ୍ୟପଟରେ କଂଗ୍ରେସ ଦଳର ବିଧାୟକମାନେ ଗତ ଦୁଇ ଦିନ ହେଲା ବେଙ୍ଗାଲୁରୁସ୍ଥିତ ଏକ ହୋଟେଲରେ ଆଡ୍ଡା ଜମାଇଥିଲେ। ଦିନକ ପୂର୍ବରୁ ସେମାନେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଭେଟିଥିଲେ। ରବିବାର ସେମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେଙ୍କୁ ଭେଟିଥିଲେ। ଶ୍ରୀ ଖଡ଼୍ଗେ ବିଧାୟକମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସୋମବାର କଂଗ୍ରେସ ବିଧାୟକମାନେ ବିଧାନସଭାରେ ପହଞ୍ଚି ମତଦାନ କରିବେ। ରାଜ୍ୟସଭା ନିର୍ବାଚନରେ ନିଜର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବିଜୁ ଜନତା ଦଳ ଉଦ୍ୟମ ଜାରି ରଖିଛି। ଏଥି ପାଇଁ ନବୀନ ନିବାସରେ କିଛି ଦିନ ହେଲା ଘନଘନ ବୈଠକ ବସିଥିଲା।

### କରଞ୍ଜିଆରେ...

ମେଣ୍ଢାଶିଙ୍ଗା ଗାଁରେ ପବନ ଓ କୁଆପଥର ମାଡ଼ରେ ଭାଙ୍ଗି ଯାଇଥିଲା ଅଧିକାଂଶ ଘର। ତୀବ୍ର ପବନ ଯୋଗୁ ଅନେକ ଘରର ଛପର ଉଡି ଯାଇଥିବା ସହିତ ଅନେକ ଲୋକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଘୂର୍ଣ୍ଣିଝଡର ପ୍ରଭାବରେ କଙ୍କଡ଼ା ଗାଁରେ ଗୋଟିଏ ଅଟୋକୁ ମଧ୍ୟ ପବନ ଉଡାଇ ନେଇ ନିକଟସ୍ଥ ପୋଖରୀରେ ପକେଇ ଦେଇଥିବା ସୂଚନା ମିଳିଛି। ପୋଖରୀରେ ଅଟୋ ଟି ବୁଡ଼ି ଯାଇଛି। ଆହତ ଲୋକମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ସଂଖ୍ୟା ଅସ୍ପଷ୍ଟ ରହିଥିବା ବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚାଲୁ ରଖିଥିଲା। ଘଟଣାର ଖବର ପାଇ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଅନୁଧ୍ୟାନ କରିବାକୁ ଚିକିତ୍ସାଳୟରେ ପହଞ୍ଚିଥିଲେ। ପାଖାପାଖି ୧୦ ଜଣ ଆହତ ହୋଇଥିବାର ଖବର ରହିଥିବା ବେଳେ ଦୁଇ ଜଣଙ୍କର ମୃତ୍ୟୁ ନେଇ କରଞ୍ଜିଆ ଏସଡିପିଓ ସୂଚନା ଦେଇଛନ୍ତି। ସେଥି ମଧ୍ୟରୁ ୪ ଜଣ ଗୁରୁତର ଆହତଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ୯ରୁ ୨୯ ଅପ୍ରେଲ...

ଲକ୍ଷ ନିର୍ବାଚନ କର୍ମୀ ନିୟୋଜିତ ହେବେ।

ଆୟୋଗ ମୁତାବକ ପାଞ୍ଚ ରାଜ୍ୟର ବିଧାନସଭାର କାର୍ଯ୍ୟକାଳ ଅଲଗା ଅଲଗା ତାରିଖରେ ସମାପ୍ତ ହେଉଛି। ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ୭ ମଇକୁ ଶେଷ ହେବ, ଅନ୍ୟପକ୍ଷରେ ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ୧୦ ମଇ ପର୍ଯ୍ୟନ୍ତ ଅଛି। ଆସାମ ବିଧାନସଭାର କାର୍ଯ୍ୟକାଳ ୨୦ ମଇ ଏବଂ କେରଳ ବିଧାନସଭାର କାର୍ଯ୍ୟକାଳ ୨୩ ମଇରେ ସମାପ୍ତ ହେବ। ଅନ୍ୟପକ୍ଷରେ କେନ୍ଦ୍ରଶାସିତ ପ୍ରଦେଶ ପୁଡୁଚେରୀର ବିଧାନସଭାର କାର୍ଯ୍ୟକାଳ ୧୫ ଜୁନ୍ ଯାଏଁ ଅଛି।

ଏହି ୫ ରାଜ୍ୟର ବିଧାନସଭା ସିଟ୍ ମୋଟ ୮୨୪ ସିଟ୍ରୁ ଆସାମରେ ୧୨୬, କେରଳରେ ୧୪୦, ପୁଡୁଚେରୀରେ ୩୦, ତାମିଲନାଡୁରେ ୨୩୪ ଏବଂ ପଶ୍ଚିମବଙ୍ଗରେ ୨୯୪ ସିଟ୍ ସାମିଲ ଅଛି। ଏହି ରାଜ୍ୟଗୁଡିକରେ କେତେକ ସିଟ୍ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଅଛି। ଆସାମରେ ୯ ଏସ୍ସି ଏବଂ ୧୯ ଏସ୍ଟି ସିଟ୍, କେରଳରେ ୧୪ ଏସ୍ସି ଏବଂ ୨ ଏସ୍ଟି ସିଟ୍, ପୁଡୁଚେରୀରେ ୫ ଏସ୍ସି ସିଟ୍, ତାମିଲନାଡୁରେ ୪୪ ଏସ୍ସି ଏବଂ ୨ ଏସ୍ଟି ସିଟ୍ ଏବଂ ପଶ୍ଚିମବଙ୍ଗରେ ୬୮ ଏସ୍ସି ଓ ୧୬ ଏସ୍ଟି ସିଟ୍ ସଂରକ୍ଷିତ ଅଛି।

ଭୋଟରଙ୍କ ସଂଖ୍ୟା ଅନୁଯାୟୀ, ଆସାମରେ ପ୍ରାୟ ୨.୫୦ କୋଟି, କେରଳରେ ପ୍ରାୟ ୨.୭୦ କୋଟି, ପୁଡୁଚେରୀରେ ପ୍ରାୟ ୯.୪୪ ଲକ୍ଷ, ତାମିଲନାଡୁରେ ପ୍ରାୟ ୫.୬୭ କୋଟି ଏବଂ ପଶ୍ଚିମବଙ୍ଗରେ ପ୍ରାୟ ୬.୪୪ କୋଟି ମତଦାତା ମତଦାନ କରିବେ। ନିର୍ବାଚନ ଆୟୋଗ ଶାନ୍ତିପୂର୍ଣ୍ଣ ଏବଂ ନିଷ୍ପକ୍ଷ ନିର୍ବାଚନ କରିବା ପାଇଁ ସମସ୍ତ ଆବଶ୍ୟକ ପ୍ରସ୍ତୁତି ପୁରା କରିବାକୁ କହିଛନ୍ତି।

### ୧୧ ମାଓବାଦୀଙ୍କ...

ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ୧୧ ଜଣ ମାଓବାଦୀ ଓଡ଼ିଶା ପୋଲିସ ଡିଜି ୱାଇ ବି ଖୁରାନିଆଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ବଂଶଧାରା-ଘୁମୁସର-ନାଗାବଳୀ ମାଓ ଡିଭିଜନ ସହ ସଂପୃକ୍ତ ଥିଲେ। ଦୀର୍ଘଦିନ ଧରି ମାଓ ସଂଗଠନ ସହ ଜଡିତ ଥିବା ଏହି ମାଓବାଦୀମାନେ ଶେଷରେ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ପୋଲିସର ଲଗାତାର କମ୍ବିଂ ଅପରେସନ ଏବଂ ସରକାରଙ୍କ ସରେଣ୍ଡର ଓ ପୁନର୍ବାସ ନୀତିର ପ୍ରଭାବରେ ସେମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏଡିଜି (ଆଣ୍ଟି ନକ୍ସଲ ଅପରେସନ) ସଂଜୀବ ପଣ୍ଡା , ଗୁଇନ୍ଦା ବିଭାଗ ଆଇଜି ଅଖିଳେଶ୍ୱର ସିଂହଙ୍କ ସହ କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାର ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଗ୍ରୀନ୍ ମାରାଥନ୍ ପକ୍ଷରୁ ସିଜିନ୍-୬ ଆୟୋଜନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମର ଭବିଷ୍ୟତ ପିଢ଼ି ପାଇଁ ପରିବେଶଗତ ସ୍ଥିରତା ଏବଂ ଉନ୍ନତ ଜୀବନଯାପନ ପ୍ରତି ଆଗ୍ରହକୁ ପାଳନ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ସର୍କଲ୍ ରବିବାର ସୋଆ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଗ୍ରାଉଣ୍ଡରେ ରେଡିଓ ମିର୍ଚ୍ଚିଙ୍କ ସହଯୋଗରେ ଏସ୍‌ବିଆଇ ଗ୍ରୀନ୍ ମାରାଥନ୍ ସିଜିନ୍-୬ ଆୟୋଜନ କରିଥିଲା। ଶ୍ରୀ ଏ.ଡି. ରତ୍ନା ତେଜା, ସିଜିଏମ୍, ଭୁବନେଶ୍ୱର ସର୍କଲ୍, ଡକ୍ଟର ବନ୍ଦନା ଅଗ୍ରୱାଲ, ଜିଏମ୍-ଆଇ, ଭୁବନେଶ୍ୱର ସର୍କଲ୍, ଶ୍ରୀ କୌଶଳ କିଶୋର ସିଂହ, ଜିଏମ୍-ଆଇଆଇ, ଭୁବନେଶ୍ୱର ସର୍କଲ୍ ଏବଂ ସାମଦେନ୍ ଦୋର୍ଜୀ ଲାମା, ଡିଜିଏମ୍ ଏବଂ ସିଡିଓ, ଭୁବନେଶ୍ୱର ସର୍କଲ୍ ଏହି ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଯେଉଁଥିରେ ପ୍ରାୟ ୪୦୦୦ ଉତ୍ସାହୀ ଦୌଡ଼ୁଥିଲେ। ରବିବାର ସକାଳେ ସୋଆ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଗ୍ରାଉଣ୍ଡରେ ସହର ସାରାରୁ ଅଂଶଗ୍ରହଣକାରୀମାନେ ୫,୧୦,୨୧ କିଲୋମିଟର ମାରାଥନ୍ ଦୌଡ଼ୁଥିବାର ଦେଖିଥିଲେ, ଏକ ସବୁଜ ଭବିଷ୍ୟତ ପାଇଁ ପ୍ରତିଜ୍ଞା କରିଥିଲେ। ବ୍ୟାଙ୍କର ବରିଷ୍ଠ ଅଧିକାରୀ ମଧ୍ୟ ଅନ୍ୟ ଅଂଶଗ୍ରହଣକାରୀଙ୍କ ସହିତ ଦୌଡ଼ରେ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛ ଏବଂ ସବୁଜ ସହରକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଦୌଡ଼କୁ ଜୈବିକ ଟି-ସାର୍ଟ ଦିଆଯାଇଥିଲା। ଏ.ଡି ରତ୍ନ ତେଜା, ସିଜିଏମ୍, ଭୁବନେଶ୍ୱର ସର୍କଲ, ଡକ୍ଟର ବନ୍ଦନା ଅଗ୍ରୱାଲ, ଜିଏମ୍-ଆଇ, ଭୁବନେଶ୍ୱର ସର୍କଲ, କୌଶଳ କିଶୋର ସିଂହ, ଜିଏମ୍-ଆଇଆଇ, ଭୁବନେଶ୍ୱର ସର୍କଲ ବିଭିନ୍ନ ବର୍ଗରେ ବିଜେତାମାନଙ୍କୁ ସମ୍ମାନିତ କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ଏ.ଡି ରତ୍ନ ତେଜା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜୀବନରେ ଶାରୀରିକ ଏବଂ ମାନସିକ ସୁସ୍ଥତା ଲକ୍ଷ୍ୟ ପାଇଁ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ।

# ନୀତି ବିଳମ୍ବ ଓ ବିଶୃଙ୍ଖଳ ଆଚରଣ : ଜଣେ ଖୁଣ୍ଟିଆ ସେବକ ନିଲମ୍ବିତ, ଦୁଇ ସେବକଙ୍କୁ ସର୍ତ୍ତ ସହ କ୍ଷମା

**ପୁରୀ ନ୍ୟୁଜ ବ୍ୟୁରୋ**

ଗତ ଫେବୃଆରୀ ୨୮ ତାରିଖରେ କେତେକ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ଶ୍ରୀମନ୍ଦିରର ନୀତି ପ୍ରାୟ ଚାରି ଘଣ୍ଟା ବିଳମ୍ବିତ ହୋଇଥିଲା। ଏହା ଫଳରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବା ସହ ନିର୍ଦ୍ଦିଷ୍ଟ ସମୟରେ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା।
ଏହି ଘଟଣାରେ ସଂପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢି)ଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ।
ସଂପୃକ୍ତ ସେବକମାନଙ୍କ ଉତ୍ତର ଓ ପ୍ରଶାସନର ଅଧିକାରୀ-କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ରାମକୃଷ୍ଣ ଖୁଣ୍ଟିଆଙ୍କୁ ତିନି ମାସ ପାଇଁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ସେ ଶ୍ରୀମନ୍ଦିରର କୌଣସି ସେବା-ପୂଜାରେ ସାମିଲ ହୋଇପାରିବେ ନାହିଁ। ନିଲମ୍ବନ ଅବଧି ସମୟରେ ଯଦି ସେ କୌଣସି ସେବକ କିମ୍ବା ବ୍ୟକ୍ତିଙ୍କୁ ପ୍ରଲୋଭନ ବା ଧମକ ଦେବା କିମ୍ବା ଶ୍ରୀମନ୍ଦିରର ସେବାପୂଜା ଓ ନୀତିରେ ବାଧା ସୃଷ୍ଟି କରିବା ପରି କାର୍ଯ୍ୟରେ ଲିପ୍ତ ହେବେ, ତେବେ ନିଲମ୍ବନ ଅବଧିକୁ ବଢ଼ାଯିବା ସହ ଶାଢୀବନ୍ଧା ଆଦେଶ ପ୍ରତ୍ୟାହାର କରି କଠୋରତର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।
ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ସର୍ତ୍ତସହ କ୍ଷମା କରାଯାଇଥିବା ବେଳେ ଭବିଷ୍ୟତରେ ଏପରି ଆଚରଣ ପୁନରାବୃତ୍ତି ହେଲେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଯାଇଛି।
ଅଧିକାଂଶ ସେବକଙ୍କ ସମୟୋଚିତ ସହଯୋଗ ଓ ଉତ୍ତମ ସମନ୍ୱୟରେ ଶ୍ରୀମନ୍ଦିରର ନୀତିକାନ୍ତି ସୁଚାରୁ ଭାବରେ ସମ୍ପାଦିତ ହେଉଥିବା ବେଳେ କେତେକ ସେବକଙ୍କ ବିଶୃଂଖଳ ଆଚରଣ ଯୋଗୁଁ ନୀତି ବ୍ୟାହତ ହେବା ଦୁଃଖଦାୟକ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଂଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ଭାବେ ସଂକଳ୍ପ ନେବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ-୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି। ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକମାନଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ପ୍ରଦାନ କରିପାରିଛି। ନୂଆଦିଲ୍ଲୀର ଓଡ଼ିଆ ସମାଜକୁ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ଓ ବିଶ୍ୱସ୍ତରରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରିଚୟକୁ ପ୍ରଚାର ପ୍ରସାର କରିବାରେ ଅନୁଷ୍ଠାନର ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ।

# କତାରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କତାର ଦେଶରେ ମୃତ୍ୟୁ ବରଣ କରିଥିବା ଓଡ଼ିଆ ଶ୍ରମିକ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଅଣାଯାଇଛି।
ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକର ବାସିନ୍ଦା କୁନା ଖୁଣ୍ଟିଆ ଗତ ୪ ମାସ ତଳେ କତାର ଦେଶର ଏକ ଘରୋଇ କମ୍ପାନୀ ଠାରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ବିଗତ ମାର୍ଚ୍ଚ ୬, ୨୦୨୬ ରିଖ ଦିନ ତାଙ୍କ ମୃତ୍ୟୁ ସମ୍ବନ୍ଧରେ ପରିବାର ଲୋକ ଖବର ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ଖୁଂଟିଆ ନିଜ ରୁମ୍ ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିବାର ଖବର ସେମାନେ ଜାଣିବାକୁ ପାଇଥିଲେ। ଏହାପରେ କୁନା ଖୁଂଟିଆଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ପରିବାର ଲୋକ ଓଡ଼ିଶା ସରକାରଙ୍କ ପାଖରେ ନିବେଦନ କରିଥିଲେ।
ଏହି ସମ୍ବନ୍ଧରେ ଅବଗତ ହେବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ କୁନା ଖୁଣ୍ଟିଆଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି। କୁନାଙ୍କ ମୃତ ଶରୀର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଂଚିବା ପରେ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଶ୍ରୀ ପ୍ରିତିଶ ପଣ୍ଡା ଉପସ୍ଥିତ ରହି କୁନା ଖୁଂଟିଆଙ୍କ ମୃତ ଶରୀରକୁ ଗଞ୍ଜାମ ଜିଲ୍ଲା ସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ଭିଜିଲାନ୍ସ ହାତରେ ଧରାପଡିଲେ ପୁଲିସ ଏଏସଆଇ

**ସୁନ୍ଦରଗଡ, ନ୍ୟୁଜ ବ୍ୟୁରୋ**

ଚୋରା ମଦ ବେପାର ପାଇଁ ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ପୁଲିସ ଏଏସଆଇ। ଏଏସଆଇ ଜଣକ ହେଉଛନ୍ତି ବଡ଼ ଗାଁ ଥାନାର ଅରୁପା ନନ୍ଦ ଦାଶ। ଚୋରା ମଦ ବେପାର ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ବଡ଼ଗାଁ ବସଷ୍ଟାଣ୍ଡ ନିକଟ ଏକ ପାନ ଦୋକାନରୁ ପୋଲିସ ବାବୁ ବଡ଼ ଗାଁ ଅଂଚଳର ରଞ୍ଜନ ଦାଶଙ୍କଠାରୁ ୨୫ ହଜାର ଟଙ୍କା ନେଉଥିଲେ। ଏହି ସମୟରେ ରାଉରକେଲା ଭିଜିଲାନ୍ସ ର ସ୍ୱତନ୍ତ୍ର ଟିମ ଚଢାଉ କରିଥିଲା।

ଭୁବନେଶ୍ୱର, ୧୬ମାର୍ଚ୍ଚ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ : ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହୋଇ ଭକ୍ତ ବେହୋସ

**ପୁରୀ ୧୫ ।୩ ନ୍ୟୁଜ ବ୍ୟୁରୋ**

ରବିବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ଭକ୍ତଙ୍କ ଅସମ୍ଭାଳ ଭିଡ଼। ଭିଡ଼ ଏଭଳି ହୋଇଥିଲା ଯେ ସିଂହଦ୍ୱାର ବ୍ୟାରିକେଡ଼ ପୂର୍ଣ୍ଣ ହୋଇଯିବା ପରେ ଭକ୍ତଙ୍କ ଲମ୍ବା ଲାଇନ୍ ବଡ଼ଦାଣ୍ଡର ମର୍ଚ୍ଚିକୋଟ ଛକ ପର୍ଯ୍ୟନ୍ତ ଲାଗି ରହିଥିଲା। ତେବେ ବଡ଼ଦାଣ୍ଡରେ କୌଣସି ସେଡ୍ ବ୍ୟବସ୍ଥା ନଥିବାରୁ ପ୍ରଚଣ୍ଡ ଖରାରେ ସିଝିଥିଲେ ଭକ୍ତ। ଖାଲି ପାଦରେ ପିଚୁ ଉପରେ ଠିଆ ହୋଇଥିବା ଭକ୍ତଙ୍କର ପାଦ ମଧ୍ୟ ପୋଡ଼ି ଯାଇଥିଲା। ଛୋଟ ଛୋଟ ପିଲା, ବରିଷ୍ଠ ନାଗରିକ ଏବଂ ମହିଳାମାନେ ପ୍ରଚଣ୍ଡ ଖରାରେ ଠିଆହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ପାଇଁ ବଡଦାଣ୍ଡରେ କପଡ଼ା ସେଡ୍ ନିର୍ମାଣ ପାଇଁ ଜଗନ୍ନାଥପ୍ରେମୀ ଦାବି



କରିଛନ୍ତି। ସେହିପରି ଗୁଳୁଗୁଳିରୁ ରକ୍ଷା ପାଇଁ ବ୍ୟାରିକେଡ଼ରେ ଫ୍ୟାନ୍ ବ୍ୟବସ୍ଥା ସହିତ ପାନୀୟଜଳର ବ୍ୟବସ୍ଥା ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ଭକ୍ତମାନେ ଦାବି କରିଛନ୍ତି। ସେପଟେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ମଧ୍ୟ କେତେକ ଭକ୍ତ ଅଣନିଃଶ୍ୱାସୀ ହୋଇ ବେହୋସ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଭକ୍ତଙ୍କୁ ସୁରକ୍ଷା ଦେବା ପାଇଁ ଯଥାଶୀଘ୍ର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଭକ୍ତମାନେ ମତ ଦେଇଛନ୍ତି। ସେପଟେ ପୁରୀ ଜିଲ୍ଲାପାଳ କହିଛନ୍ତି ରବିବାର ଏବଂ ସଂକ୍ରାନ୍ତି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି। ତେବେ ଭକ୍ତଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ସହିତ ଜଳ ସିଞ୍ଚନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସେହିପରି ନାଟମଣ୍ଡପରେ ଏସି ଲଗାଯିବା ନେଇ ଟେଣ୍ଡର ସରିଥିବାବେଳେ ଯେଉଁ ସଂସ୍ଥା ଯୋଗ୍ୟ ବିବେଚିତ ହେବେ ତାଙ୍କ ଦ୍ୱାରା ଏସି ଲଗାଯିବାର ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିରରେ ଭକ୍ତଙ୍କ ସୁବିଧା ଓ ସୁରକ୍ଷା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ଜିଲ୍ଲାପାଳ କହିଛନ୍ତି।

# ଆଗେଇ ଚାଲିଛି ରୁକୁଣା ରଥ ତିଆରି କାର୍ଯ୍ୟ

## ଝଟକିବେ ନୂଆ ଘୋଡ଼ା ଓ ପାର୍ଶ୍ୱଦେବତା ମୂର୍ତ୍ତି

**ଭୁବନେଶ୍ୱର, ୧୫/୦୩ ନ୍ୟୁଜ ବ୍ୟୁରୋ**

ଚଳିତ ମାସ ୨୬ ତାରିଖରେ ପୁରୁଣା ଭୁବନେଶ୍ୱର ରଥଦାଣ୍ଡରେ ରୁକୁଣା ରଥ ଗଡ଼ିବ। ରଥାରୂଢ଼ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥଦାଣ୍ଡରେ ଲାଗିବ ଭକ୍ତଙ୍କ ଭିଡ଼। ପ୍ରଭୁଙ୍କ ଏହି ଲୀଳାଖେଳା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତି। ରଥଖଳାରେ ଚାଲିଛି ରୁକୁଣା ରଥ ତିଆରି କାର୍ଯ୍ୟ। ଦିନ ପାଖେଇ ଆସୁଥିବାରୁ ମହାରଣା ସେବାୟତଙ୍କ ଆଖିରେ ନିଦ ନାହିଁ। ରଥ ତିଆରି କରିବାର ଭାବ ଓ ଆତ୍ମସନ୍ତୋଷ ସେମାନଙ୍କୁ ଭୋକଶୋଷ ଭୁଲାଇ ଦେଇଛି। କାରଣ ଏଥର ରୁକୁଣା ରଥରେ ଝଟକିବେ ଚାରି ନୂଆ ଘୋଡ଼ା ଓ ୧୨ ପାର୍ଶ୍ୱଦେବତାଙ୍କ ନୂଆ ମୂର୍ତ୍ତି। ମନ୍ଦିର ପ୍ରଶାସକ ରମେଶ ଜେନାଙ୍କ ଦାୟିତ୍ୱରେ ରଥ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତବେଗରେ ଆଗେଇ ଚାଲିଛି।



ରୁକୁଣା ରଥରେ ଲାଗିବାକୁ ଥିବା ନୂଆ ଘୋଡ଼ା ଓ ପାର୍ଶ୍ୱଦେବଦେବୀଙ୍କ ମୂର୍ତ୍ତି ଗଢ଼ିବାକୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୂପକାର ଓ ପୁରୀ ଦୋଳମଣ୍ଡପ ସାହିର ୧୦ଜଣ କାରିଗର ଆସିଛନ୍ତି। ସେମାନେ ଲିଙ୍ଗରାଜ ହାଟ ନିକଟରେ ଘୋଡ଼ା ତିଆରି କରୁଛନ୍ତି। ଗମ୍ଭାରୀ କାଠରେ ତିଆରି ହେଉଥିବା ପ୍ରତ୍ୟେକ ଘୋଡ଼ା ପାଇଁ ୩୦ହଜାର ଟଙ୍କା ଲେଖାଏଁ ବ୍ୟୟ କରାଯାଉଛି। ସେହିପରି ୧୨ ପାର୍ଶ୍ୱଦେବତା ସୂର୍ଯ୍ୟ, ବରୁଣ, ଇନ୍ଦ୍ର, ଅଗ୍ନି, ଦୁର୍ଗା, ଶିବ, ଯମ, କାର୍ତ୍ତିକେୟଙ୍କ ମୂର୍ତ୍ତି ନିମ୍ବ କାଠରେ ତିଆରି ହେଉଛି। ଗୋଟିଏ ମୂର୍ତ୍ତି ପାଇଁ ୮ହଜାର ୨ଶହ ଟଙ୍କା ବ୍ୟୟ କରାଯାଉଛି। ସୂଚନାଯୋଗ୍ୟ ଯେ ମହାଖଳାରେ ରୁକୁଣା ରଥର ଚାରି ଚକ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# 'ଗ୍ରାମୋଦୟ' ଅଭିଯାନ: ମାଓ ପ୍ରଭାବିତ ୪୮୫ ଗ୍ରାମକୁ ମିଳିବ କ୍ରୀଡ଼ା ସାମଗ୍ରୀ

**ଭୁବନେଶ୍ୱର, ୧୫/୦୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଗ୍ରାମୋଦୟ' ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ। ଏହି ଯୋଜନା ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ମୋଟ ୨,୪୨,୫୦,୦୦୦ ଟଙ୍କା ମଞ୍ଜୁର କରାଯାଇଛି। ପ୍ରତ୍ୟେକ ଚିହ୍ନିତ ଗ୍ରାମକୁ ୫୦,୦୦୦ ଟଙ୍କା ମୂଲ୍ୟର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ। ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀମାନେ ଏହାଦ୍ୱାରା ଉପକୃତ ହେବେ। ପ୍ରତି ଗ୍ରାମକୁ ଦିଆଯିବାକୁ ଥିବା ଷ୍ଟାଣ୍ଡାର୍ଡ କ୍ରୀଡ଼ା କିଟ୍‌ରେ



କ୍ରିକେଟ୍, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ସମେତ ଚେସ୍ ଏବଂ କ୍ୟାରମ୍ ଭଳି ଇନଡୋର ଗେମ୍‌ର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ରହିବ। ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଉଛି ଯେ, କ୍ରୀଡ଼ା ସାମଗ୍ରୀ କିଣିବା ଦାୟିତ୍ୱ ସ୍ଥାନୀୟ ଯୁବ କ୍ଲବମାନଙ୍କୁ ଦିଆଯିବ। ଯେଉଁ ଗ୍ରାମରେ କ୍ଲବ ନାହିଁ, ସେଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହାୟତାରେ ନୂତନ କ୍ଲବ ଗଠନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡ଼ାଯିବ। 'ଗ୍ରାମୋଦୟ' କେବଳ ଏକ ବିତରଣ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମାଓ ପ୍ରଭାବିତ ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ସାମାଜିକ ସଂହତିର ଏକ ବାର୍ତ୍ତା । କ୍ରୀଡ଼ା ମାଧ୍ୟମରେ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଏକ ସୁସ୍ଥ ତଥା ଅନୁଶାସିତ ଜୀବନଶୈଳୀ ପ୍ରଦାନ କରିବା ଓଡ଼ିଶା ସରକାରଙ୍କ ମୂଳ ଲକ୍ଷ୍ୟ।

## ପିରିୟଡ ସମୟରେ ମହିଳାଙ୍କୁ ପେଡ୍ ଲିଭ୍ ଆବେଦନ ଖାରଜ

# ସୁପ୍ରିମକୋର୍ଟ କହିଲେ ଏଭଳି ହେଲେ ମହିଳାଙ୍କୁ କେହି କାମ ଦେବେନି

**ନୂଆଦିଲ୍ଲୀ, ୧୫/୦୪**

ପିରିୟଡ ସମୟରେ ମହିଳାଙ୍କୁ ପେଡ୍ ଲିଭ୍ ଆବେଦନ ଖାରଜ। ସାରା ଦେଶରେ କର୍ମଜୀବୀ ମହିଳାଙ୍କୁ ପିରିୟଡ୍ ସମୟରେ ପେଡ୍ ଲିଭ୍ ଦାବି ଖାରଜ କଲେ ସୁପ୍ରିମକୋର୍ଟ। କହିଲେ ଏଭଳି ହେଲେ ମହିଳାଙ୍କୁ କେହି କାମ ଦେବେନାହିଁ। ଏଭଳି କଡ଼ାକଡ଼ି ଆଇନ କରାଗଲେ ମହିଳାଙ୍କ ରୋଜଗାର ଉପରେ ବିପରୀତ ପ୍ରଭାବ ପଡିପାରେ। ନିଯୁକ୍ତିଦାତାମାନେ ମହିଳାଙ୍କୁ ଚାକିରି ଦେବା ନେଇ ଦ୍ୱିଧାବୋଧ କରିପାରନ୍ତି।

ପିରିୟଡ ସମୟରେ ମହିଳାଙ୍କୁ ପେଡ୍ ଲିଭ୍ ଦାବି ନେଇ ଦାଖଲ ଏକ ଆବେଦନ ସଂପର୍କରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ଏପରି ଛୁଟିର ସମ୍ଭାବିତ ସାମାଜିକ ପରିଣାମ ସଂପର୍କରେ ଚିନ୍ତା ବ୍ୟକ୍ତ କରି କୋର୍ଟ ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ସମୟରେ କୋର୍ଟ କହିଛନ୍ତି, ଯଦି କୌଣସି



କମ୍ପାନି ସ୍ୱେଚ୍ଛାକୃତ ଭାବେ ପିରିୟଡ୍ ସମୟରେ ମହିଳାଙ୍କୁ ଛୁଟି ଦେଉଛି ତେବେ ତାହା ଭଲ କଥା । କିନ୍ତୁ ଯଦି ଏହାକୁ ଆଇନ ରୂପରେ କଡାକଡି ଲାଗୁ କରାଯାଏ ତେବେ ଏହାର ଅନ୍ୟ ଦିଗ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ଏଥିନେଇ ଆଇନ କରାଗଲେ ନିଯୁକ୍ତିଦାତାମାନେ ମହିଳାଙ୍କୁ ଚାକିରି ଦେବା ନେଇ ଦ୍ୱିଧାବୋଧ କରିପାରନ୍ତି। ଏପରି ହେଲେ କାର୍ଯ୍ୟସ୍ଥଳରେ ମହିଳାଙ୍କ ଭାଗିଦାରୀ କମିଯିବ । ଫଳତଃ ସେମାନଙ୍କ କ୍ୟାରିୟର ଶେଷ ହୋଇଯିବ । ମହିଳାଙ୍କୁ ପେଡ୍ ପିରିୟଡ୍ ଲିଭ୍ ଦେବା ନେଇ ଓକିଲ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏହି ଆବେଦନ କରିଥିଲେ । ତା'ର ଶୁଣାଣି କରି ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, ଏଭଳି ଆବେଦନ ଭୟସୃଷ୍ଟି, ମହିଳାଙ୍କୁ ହୀନ ଦେଖାଇବା ଲାଗି, ପିରିୟଡ୍ ସେମାନଙ୍କ ସହ ହେଉଥିବା ଏକ ଖରାପ କଥା ବୋଲି ଦର୍ଶାଇବାକୁ କରାଯାଇଛି। ଏହାଦ୍ୱାରା ଅଜାଣତରେ ମହିଳାଙ୍କ ସଂପର୍କରେ ପ୍ରଚଳିତ ଥିବା ରଢ଼ି ଆହୁରି ମଜଭୁତ ହୋଇପାରେ । ମହିଳାଙ୍କ ପ୍ରତି ସକାରାତ୍ମକ ପଦକ୍ଷେପ ସାମ୍ବିଧାନିକ ଭାବେ ସ୍ୱୀକୃତିପ୍ରାପ୍ତ। କିନ୍ତୁ ସେହି ନିଯୁକ୍ତିଦାତାଙ୍କ ସଂପର୍କରେ ଚିନ୍ତା କରନ୍ତୁ ଯାହାଙ୍କୁ ସବୈତନିକ ଛୁଟି ଦେବାକୁ ହେବ । ଶୁଣାଣି ସମୟରେ ଆବେଦନକାରୀଙ୍କ ଓକିଲ ଏମ.ଆର ଶମଶାଦ କିଛି ରାଜ୍ୟ ଏବଂ ସଂସ୍ଥାନ ପିରିୟଡ୍ ଲିଭ୍ ସୁବିଧା ଦେବାକୁ ପୂର୍ବରୁ ପଦକ୍ଷେପ ନେଇ ସାରିଛନ୍ତି ବୋଲି ଦର୍ଶାଇଥିଲେ। ଏହାପରେ ସିଜେଆଇ କହିଥିଲେ ଯେ, ସ୍ୱେଚ୍ଛାକୃତ ଛୁଟି ଦେବା ବହୁତ ଭଲ କଥା । କିନ୍ତୁ ଯେତେବେଳେ ଏହା ଆଇନ ଅନୁସାରେ ଅନିବାର୍ଯ୍ୟ ବୋଲି ଆପଣ କହିବେ ସେତେବେଳେ ମହିଳାଙ୍କୁ କେହି ଚାକିରି ଦେବେନାହିଁ । ସେମାନଙ୍କୁ ସରକାରୀ ଚାକିରି ଏପରିକି ନ୍ୟାୟପାଳିକାର ଚାକିରିରେ ରଖାଯିବ ନାହିଁ । ଫଳରେ ମହିଳାଙ୍କ କ୍ୟାରିୟର ଶେଷ ହୋଇଯିବ । ଏପରି ସ୍ଥଳେ ୨୦୨୩ ଫେବ୍ରୁୟାରୀ ୨୪ ଏବଂ ୨୦୨୪ ଜୁଲାଇ ୮ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଆଧାର କରି ଏକ ନୀତି ପ୍ରସ୍ତୁତ କରିବାକୁ ଆମେ ସମ୍ବନ୍ଧିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛୁ।

# ୨ ଜଣଙ୍କୁ ଦଳି ଦେଲା ଦନ୍ତା

**ଫୁଲବାଣୀ, ୧୫/୦୩ ନ୍ୟୁଜ ବ୍ୟୁରୋ**

ହାତୀ ଆକ୍ରମଣରେ କନ୍ଧମାଳରେ ଲୋକେ ଭୟଭୀତ। ଗତ ଦୁଇଦିନ ମଧ୍ୟରେ ଦନ୍ତା ହାତୀ ୨ ଜଣଙ୍କୁ ଦଳି ମାରି ଦେଇଛି । ଫଳରେ ରାଇକିଆ ଓ ଟିକାବାଲି ଅଞ୍ଚଳରେ ଆତଙ୍କିତ ହୋଇଯାଇଛନ୍ତି ଲୋକେ । କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପାଙ୍ଗା ଗ୍ରାମ ପାହାଡ଼ର ଗୁମିକିଆ ଜଙ୍ଗଲରେ ହାତୀ ଆକ୍ରମଣରେ ଦୁଇ ଜଣ ଗ୍ରାମବାସୀ ମୃତ୍ୟୁବରଣ କରିଛନ୍ତି । ୩ ଜଣ ଗ୍ରାମବାସୀ ଧନେଶ୍ୱର ପ୍ରଧାନ, କୀର୍ତ୍ତନ ବଗର୍ତ୍ତୀ ଓ ବାମଦେବ ପ୍ରଧାନ ଜଙ୍ଗଲକୁ ଯାଇଥିଲେ। ନିଜ କାମ ସାରି ଫେରୁଥିବା ବେଳେ ହଠାତ ହାତୀ ଆକ୍ରମଣ କରିଥିଲା । ୩ ଜଣଙ୍କ ମଧ୍ୟରୁ ପ୍ରାଣ ବିକଳରେ ଧନେଶ୍ୱର ପ୍ରଧାନ ଦୌଡ଼ି ପଳେଇ ଆସିଥିବା ବେଳେ ଦୁଇ ଜଣ ଦଉଡ଼ି ପାରି ନଥିଲେ, ଯାହା ଫଳରେ ହାତୀ ଦଳା ଚକଟାରେ ଉଭୟଙ୍କ ମୃତ୍ୟୁ ହୋଇଛି । ପୁଣି ଟିକାବାଲି ଥାନା ଅନ୍ତର୍ଗତ ପାବୁରିଆ ଗ୍ରାମପଞ୍ଚାୟତ ସିନ୍ଦୁରଗାଡ଼ା ଗ୍ରାମରେ ପୁଣି ହାତୀ ଆକ୍ରମରେ ଜଣଙ୍କର ମୃତ୍ୟୁ ହୋଇଛି । ଏନେଇ ଫୁଲବାଣୀ ବନଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ଦେଇଛନ୍ତି ଡିଏଫ୍‌ଓ।

# ପିକଅପ୍ ଦୁର୍ଘଟଣା : ୨ ମୃତ, ୭ ଆହତ

**ରାୟଗଡା, ୧୫/୦୩ ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ବିଷମକଟକ ଥାନା ଅନ୍ତର୍ଗତ କାଚାପାଦୁ ଗାଁ ନିକଟରେ ଘଟିଛି ଦୁର୍ଘଟଣା। ଚାଉଳ ବୋଝେଇ ପିକଅପ୍ ଭ୍ୟାନ୍ ଓଲଟି ୨ ଜଣଙ୍କର ଜୀବନ ଯାଇଛି।

ଘଟଣାସ୍ଥଳରେ ଜଣେ ଏବଂ ମେଡିକାଲରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୭ ଜଣ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଶନିବାର ବିଳମ୍ବିତ ରାତିରେ ଘଟିଛି ଏ ଦୁର୍ଘଟଣା । ମିଲ୍‌ରୁ ଚାଉଳ ନେଇ ମୁନିଗୁଡ଼ାରୁ ଫେରୁଥିବା ବେଳେ ନିଜ ଗାଁ ନିକଟରେ ଦୁର୍ଘଟଣା ଘଟିଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୫/୦୩/୨୦୨୬
୬,୮୦,୫୬୨/- ଟଙ୍କା
ସୁନା:-୦୧ଗ୍ରାମ୍‌୮୩୦ ମିଲିଗ୍ରାମ୍
ରୂପା:-୨୮ଗ୍ରାମ୍‌୬୦୦ ମିଲିଗ୍ରାମ

## ଦିଲ୍ଲୀରେ ଧୂମଧାମ୍‌ରେ ପାଳନ ହେଲା ଓଡ଼ିଶା ପର୍ବ

# ଓଡ଼ିଆଙ୍କୁ ନିଜ ପରିବାରର ସଦସ୍ୟ କହିଲେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

**ନୂଆଦିଲ୍ଲୀ, ୧୫/୦୩**

ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଓଡ଼ିଶା ପର୍ବ-୨୦୨୬ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଉତ୍ସବରେ ଯୋଗ ଦେଇଥିଲେ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏଠାରେ ରହୁଥିବା ଓଡ଼ିଆଙ୍କୁ ସମ୍ବୋଧିତ କରି ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଓଡ଼ିଆଙ୍କ ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗ ଦେଇ ରେଖା ଗୁପ୍ତା ଏହି ପର୍ବକୁ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଆସ୍ଥାର ଜୀବନ୍ତ ଉତ୍ସବ ବୋଲି କହିଛନ୍ତି । ଦେଶର ରାଜଧାନୀରେ ଓଡ଼ିଶାର ସଂସ୍କୃତି, କଳା, ସଙ୍ଗୀତ, ନୃତ୍ୟ ଓ ପରମ୍ପରାର ଭବ୍ୟ ଆୟୋଜନ ହୋଇଛି । ଦିଲ୍ଲୀରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ନିଜର ମାଟି, ସଂସ୍କୃତି ପ୍ରତି ଆଜି ମଧ୍ୟ ଗଭୀର ଭାବେ ଜଡ଼ିତ ବୋଲି ଓଡ଼ିଶା ପର୍ବରୁ ସ୍ପଷ୍ଟ ଅନୁମେୟ ।

ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ୨୦୧୭ ମସିହାରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ପାଖାପାଖି ଏକ ଦଶକ ଧରି ଏହା ପାଳନ ହେଉଛି । ପ୍ରତ୍ୟେକ ଓଡ଼ିଆ ଏହି ପର୍ବର ବର୍ଷସାରା ଅପେକ୍ଷା



କରନ୍ତି। ଏହି ଉତ୍ସବ ଲୋକଙ୍କୁ ନିଜ ପରମ୍ପରା ଓ ପରିଚୟ ସହିତ ଯୋଡି ହେବା ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ନେଇ ନିଜର ଅନୁଭୂତି ବଖାଣିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ପ୍ରଥମେ ଓଡ଼ିଶା ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହା ସହିତ ଦିଲ୍ଲୀରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ମଧ୍ୟ ସେ ଅଂଶ ଗ୍ରହଣ କରିଥାନ୍ତି ବୋଲି କହିଛନ୍ତି ।

ଦିଲ୍ଲୀରେ ପାଖାପାଖି ୧୫ ଲକ୍ଷ ଓଡ଼ିଆ ରହୁଛନ୍ତି । ଏଠାରେ ବହୁ ରାଜ୍ୟରୁ ବିଭିନ୍ନ ସଂସ୍କୃତିର ଲୋକ ବସବାସ କରିଥାନ୍ତି। ଏହା ଦିଲ୍ଲୀର ବିଶେଷତା। ସବୁ ରାଜ୍ୟ ଓ ସଂସ୍କୃତିର ଲୋକ ଏଠାରେ ମିଳିମିଶି ରୁହନ୍ତି ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଦିଲ୍ଲୀ ସରକାର ଏଠାରେ ରହୁଥିବା ଓଡ଼ିଆଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧତା ବିଷୟରେ ମଧ୍ୟ କହିଥିଲେ।

ପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଆଙ୍କ ପ୍ରାଣବିନ୍ଦୁ ନୁହେଁ ବରଂ ଦିଲ୍ଲୀର ବିଭିନ୍ନ ସମ୍ପ୍ରଦାୟର ଲୋକ ମଧ୍ୟ ଅନେକ ଶ୍ରଦ୍ଧା ଓ ଭକ୍ତି ଭାବରେ ପୂଜାର୍ଚ୍ଚନା କରନ୍ତି । ଓଡ଼ିଶାର ସମୃଦ୍ଧ ଇତିହାସ, କଳା ଓ ସାଂସ୍କୃତିକ ପରିଚୟକୁ ଖୁବ୍ ପ୍ରଶଂସା କରିଥିଲେ। ଏହା ବିବିଧ ପରମ୍ପରା, ଲୋକନୃତ୍ୟ, ଗୀତ ଓ ସାହିତ୍ୟର ମାଧ୍ୟମ ଏବଂ ଭାରତର ସାଂସ୍କୃତିକ ଏକତାକୁ ମଜବୁତ କରିଥାଏ।

# ପୁରୀରେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ରଥଯାତ୍ରା ପୂର୍ବ ପ୍ରସ୍ତୁତିର କଲେ ସମୀକ୍ଷା

**ପୁରୀ ୧୫ ।୩ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ଦାୟିତ୍ୱ ମିଳିବା ପରେ ପୁରୀରେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ । ରଥଯାତ୍ରା ପୂର୍ବରୁ ସମସ୍ତ ପ୍ରସ୍ତୁତି ନେଇ ଏଡିଜି ସମୀକ୍ଷା କରିଛନ୍ତି। ପୁରୀ ଏସ୍‌ପି ଏବଂ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ଜେବିପିସି ଓ ଟାଉନ ହଲ୍ କଣ୍ଟ୍ରୋଲ ରୁମ୍ ଠାରେ ଏ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ରଥଯାତ୍ରା ସମୟରେ କିଭଳି ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ହେବ ସେନେଇ କରିଛନ୍ତି ସମୀକ୍ଷା । ରବିବାର ସକାଳେ ସୌମେନ୍ଦ୍ର ପ୍ରିୟଦର୍ଶୀ ପୁରୀ ଗସ୍ତରେ ଆସି ପ୍ରଥମେ ଜେବିପିସି ଯାଇ ସେଠାରେ ଅନୁଧ୍ୟାନ କରିଥିଲେ । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂଙ୍କ ସହିତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ଟାଉନ ହଲ୍ ଠାରେ ଥିବା ପୋଲିସ କଣ୍ଟ୍ରୋଲ ରୁମ୍, ବାଗେଡିଆ ଧର୍ମଶାଳା ଠାରେ ଥିବା କଣ୍ଟ୍ରୋଲ ରୁମ୍‌କୁ ଯାଇ ଏଡିଜି ଅନୁଧ୍ୟାନ କରିଥିଲେ। ରଥଯାତ୍ରା ସମୟରେ ଶ୍ରୀମନ୍ଦିର ବାହାରେ, ଭିତରେ, ବଡ଼ଦାଣ୍ଡରେ କିଭଳି ଶୃଙ୍ଖଳିତ ଭାବେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେନେଇ ସମୀକ୍ଷା କରିଥିଲେ । ଚଳିତବର୍ଷ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ରୁମ୍ ଜେବିପିସିରେ କରାଯିବା ନେଇ ବ୍ୟବସ୍ଥା କରାଯାଉଛି । ସେହିପରି ପର୍ଯ୍ୟାପ୍ତ ସିସିଟିଭି ବ୍ୟବସ୍ଥା, ପାର୍କିଂସ୍ଥଳୀ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ଶୃଙ୍ଖଳିତ ଓ ସୁବିଧାରେ ଯାତାୟାତ ନେଇ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏପଟେ ପୁରୀ ଜିଲ୍ଲାପାଳ କହିଛନ୍ତି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ବିଭିନ୍ନ ବିଭାଗ ନିଜର କାର୍ଯ୍ୟ ରଥଯାତ୍ରା ପୂର୍ବରୁ କିଭଳି ଠିକ୍ ଭାବେ ସମ୍ପାଦନ କରିବେ ସେନେଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଗତବର୍ଷ ରଥଯାତ୍ରାରେ ହୋଇଥିବା ତ୍ରୁଟି ବିଚ୍ୟୁତି ଚଳିତ ବର୍ଷ ରଥଯାତ୍ରାରେ ଯେଭଳି ନହୁଏ ଏଥିଲାଗି ସମସ୍ତ ପ୍ରକାରର ଗୁରୁତ୍ୱ ପ୍ରଶାସନ ପକ୍ଷରୁ ଦିଆଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି।







**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ସଂଗ୍ରହାଳୟ ବଖାଣିବ ହୀରାକୁଦର ଗୌରବମୟ ଇତିହାସ

## ୨୪ କୋଟି ବ୍ୟୟରେ ନିର୍ମାଣ ହେଉଛି ଭବ୍ୟ ମ୍ୟୁଜିୟମ୍

**ସମ୍ବଲପୁର, ୧୫ ।୩ ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟକ ଜାଣିବେ ବିଶ୍ୱର ଅନନ୍ୟ କୀର୍ତ୍ତି ହୀରାକୁଦ ଡ୍ୟାମ୍ ନିର୍ମାଣର ଗାଥା । ନିର୍ମାଣର ଉଦ୍ଦେଶ୍ୟ, ସମକାଳୀନ ବୈଷୟିକ ଜ୍ଞାନକୌଶଳ ଏବଂ ଲୋକଙ୍କ ବିସ୍ଥାପନର କାହାଣୀ ରହିବ। ବନ୍ଧ ବାନ୍ଧିବା ପୂର୍ବରୁ ବନ୍ୟା ବିପ୍ୟାତ ଆଣୁଥିବା ମହାନଦୀର କରୁଣ କାହାଣୀ ବି ସ୍ଥାନ ପାଇବ । ଡ୍ୟାମର ପରିକଳ୍ପନା, ଡିପିଆର୍ ପ୍ରସ୍ତୁତିଠାରୁ ନେଇ ନିର୍ମାଣର ପ୍ରତିଟି ମୁହୂର୍ତ୍ତକୁ ସଜାଯିବ। ପୂର୍ବପୁରୁଷଙ୍କ ପୁରୁଣା ସ୍ମୃତିକୁ ମନେପକାଇବାକୁ ବୁର୍ଲା ହୀରାକୁଦ ଡ୍ୟାମ୍ କଡ଼ରେ ନିର୍ମାଣ ହେଉଛି ହୀରାକୁଦ ଡ୍ୟାମ୍ ସଂଗ୍ରହାଳୟ। ୨୪ କୋଟି ଟଙ୍କା ବ୍ୟୟରେ ଚାଲିଥିବା ନିର୍ମାଣ ଆସନ୍ତା ୨ ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ପ୍ରାୟ ୨ ଏକର ଜାଗାରେ ନିର୍ମାଣ ହେବ। ଯେଉଁଥିରେ ହୀରାକୁଦ ବନ୍ଧ ବାନ୍ଧିବା ସମୟର ସମସ୍ତ ତଥ୍ୟକୁ ଉଲ୍ଲେଖ କରାଯିବ। ଇଞ୍ଜିନିୟରିଂ, ଜଳସେଚନ ଏବଂ ବିଦ୍ୟୁତ ଉତ୍ପାଦନରେ ହୀରାକୁଦ ଡ୍ୟାମ୍ କିଭଳି ଏହା ଏକ ମାଇଲଖୁଣ୍ଟ ସେନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ।

ଫଳରେ ବାହାରୁ ଆସିଥିବା ପର୍ଯ୍ୟଟକ ଡ୍ୟାମ୍ ସମ୍ପର୍କରେ ବିସ୍ତୃତ ଭାବରେ ଜାଣିପାରିବେ । ଏହାର ନିର୍ମାଣ କାମ ଆରମ୍ଭ ହୋଇସାରିଛି। ୨୪ କୋଟି ଟଙ୍କାରେ ହେବାକୁ ଥିବା ଏହି ସଂଗ୍ରହାଳୟ ବୁର୍ଲାର ଅଶୋକ ନିବାସ ନିକଟବର୍ତ୍ତୀ ଅଞ୍ଚଳରେ ରହିବ। ଫଳରେ ହୀରାକୁଦ ଡ୍ୟାମ୍‌କୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହାର ଲାଭ ଉଠାଇପାରିବେ । ହୀରାକୁଦକୁ ନେଇ ଅନେକ ରୋଚକ କାହାଣୀ ରହିଛି । ଏହାର ନିର୍ମାଣ ଶୈଳୀ ବିଶ୍ୱର ଅନ୍ୟ ଡ୍ୟାମଠାରୁ ଭିନ୍ନ। ବିଶ୍ୱର ବୃହତ ମାଟିବନ୍ଧକୁ କେଉଁ ଜ୍ଞାନକୌଶଳରେ ସେହି ସମୟରେ ତିଆରି ହୋଇଥିଲା, ସେନେଇ ସବିଶେଷ ତଥ୍ୟ ରଖାଯିବ। ତଥ୍ୟ ଅନୁସାରେ, ହୀରାକୁଦ ବନ୍ଧ ନିର୍ମାଣ ପୂର୍ବରୁ ମହାନଦୀର ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ ଅବିଭକ୍ତ କଟକ ଓ ପୁରୀ ଜିଲ୍ଲାର ପ୍ରାୟ ୯୫୦୦ ବର୍ଗ କିମି ଅଞ୍ଚଳରେ ଅନେକ କ୍ଷୟ କ୍ଷତି ତଥା ଧନ ଜୀବନ ହାନୀ ହେଉଥିଲା। ଲୋକେ ଅନେକ ଦୁଃଖ ଦୁର୍ଦ୍ଦଶାରେ ଜୀବନ କାଟୁଥିଲେ । ମହାନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ୧୯୪୭ ଯୋଜନା ବିବରଣୀ ଅନୁସାରେ ମହାନଦୀ ଉପରେ ହୀରାକୁଦ, ଟିକରପଡ଼ା ଓ ନରାଜ ଏହିପରି ତିନୋଟି ସ୍ଥାନରେ ଜଳଭଣ୍ଡାର ନିର୍ମାଣ ପାଇଁ ସ୍ୱୀକୃତି ମିଳିଥିଲା ।

ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦଫାରେ ହୀରାକୁଦ ବନ୍ଧର ପ୍ରାଥମିକ କାମ ଆରମ୍ଭ କରାଯାଇଥିଲା । ହୀରାକୁଦ ବନ୍ଧ ଯୋଜନା ପ୍ରଥମେ ମୁଖ୍ୟତଃ ତ୍ରିକୋଣ ଭୂମି ଅଞ୍ଚଳର ବନ୍ୟା ନିୟନ୍ତ୍ରଣ ପାଇଁ କଳ୍ପନା କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଦେଶରେ ଖାଦ୍ୟଶସ୍ୟର ଅଭାବକୁ ଦେଖି ହୀରାକୁଦ ବନ୍ଧ ଯୋଜନା ରୂପରେଖରେ ପରିବର୍ତ୍ତନ କରାଯାଇଥିଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଦ୍ୱାରା ୧୯୪୮ ମସିହା ଏପ୍ରିଲ ୧୨ ତାରିଖ ଦିନ ଏହି ବନ୍ଧର ପ୍ରଥମ ସିମେଣ୍ଟ କଂକ୍ରିଟ ଢ଼ଳେଇ କରାଯିବା ସହ ବନ୍ଧର ନିର୍ମାଣ କାମ ଆରମ୍ଭ ହୋଇଥିଲା । ୧୯୫୭ ମସିହା ଜାନୁୟାରୀ ୧୩ ତାରିଖ ଦିନ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହରୁ ଏହି ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହାକୁ ସ୍ୱାଧୀନ ଭାରତର ଏକ ମନ୍ଦିର ବୋଲି ନେହରୁ ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ । ହୀରାକୁଦ ବନ୍ଧ ସ୍ୱାଧୀନ ଭାରତର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା । ଏହି ବନ୍ଧ ପୃଥିବୀର ସବୁଠାରୁ ଦୀର୍ଘ ତମ ମାଟି ବନ୍ଧ ଓ ଏହାର ଜଳଭଣ୍ଡାର ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ଭାବେ ପରିଚିତ ।

